# ଟାଇବ୍ରେକରରେ ଫାଓ ଚାମ୍ପିୟନ

## ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ

ଢେଙ୍କାନାଳ ଅଫିସ, ୨୭।୧୧

ଢେଙ୍କାନାଳ ଷ୍ଟାଡିୟମ୍‌ରେ ଚାଲିଥିବା ୪ର୍ଥ ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ ପ୍ରତିଯୋଗିତାର ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ବାଜି ମାରିଛି ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)। ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ୧-୧ରେ ଅମୀମାଂସୀତ ରହିବାପରେ ଫଳାଫଳ ପାଇଁ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ଫାଓ ୫-୪ ଗୋଲ୍‌ରେ ଜଗା ୟୁନାଇଟେଡ୍ କ୍ଲବ ଭୁବନେଶ୍ୱରକୁ ପରାସ୍ତ କରି ଚାମ୍ପିୟନ ହୋଇଛି।

ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଫାଓ ଗୋଟିଏ ଗୋଲ୍ ସ୍କୋର କରି ୧-୦ରେ ଅଗ୍ରଣୀ ହାସଲ କରିଥିଲା। ତେବେ ମ୍ୟାଚ୍ ଶେଷ ହେବାର ଅଳ୍ପ ସମୟ ପୂର୍ବରୁ ଏହାକୁ ପରିଶୋଧ କରିଦେଇଥିଲା ଭୁବନେଶ୍ୱର। ଏହାପରେ ଟାଇବ୍ରେକରରେ ଫଳାଫଳ ନିର୍ଣ୍ଣୟ କରାଯାଇଥିଲା। ମୁଖ୍ୟ ରେଫରି ଭାବେ ଜ୍ୟୋତିରଞ୍ଜନ ସ୍ୱାଇଁ, ସହଯୋଗୀ ରେଫରି ଅରୁଣ ନାୟକ, ଶଶିକାନ୍ତ ଦାସିଆ, ଅନିଲ ପ୍ରସାଦ ନନ୍ଦ ମ୍ୟାଚ୍ ପରିଚାଳନା କରିଥିଲେ। ମାୟାଧର ସାହୁ କମିଶନର ଦାୟିତ୍ୱ ତୁଲାଇଥିଲେ। ଜିଲାପାଳ ତଥା ଜିଲା କ୍ରୀଡ଼ା ସଂଘ ସଭାପତି ସରୋଜ କୁମାର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଗଁଦିଆ ବ୍ଲକ ଅଧକ୍ଷା ରୀନାରାଣୀ ଖଟୁଆ, ପୌର ଉପାଧକ୍ଷ ପ୍ରକାଶ କୁଅଁର, ଯୁବ ଉଦ୍ୟୋଗୀ ଜଗଦୀଶ ସାମଲ, ସାମାଜିକ କର୍ମୀ ଶ୍ରୀକାନ୍ତ ଧଳ, ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ ମହାନ୍ତି, ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତିପ୍ରକାଶ ପରିଡ଼ା, କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ ପ୍ରମୁଖ ଯୋଗଦେଇ ଚାମ୍ପିୟନ୍ ଦଳକୁ ଟ୍ରଫି ସହ ନଗଦ ୬୦ ହଜାର ଏବଂ ରନର୍ସଅପ୍ ଦଳକୁ ଟ୍ରଫି ସହ ନଗଦ ୪୦ ହଜାର ଟଙ୍କା ପୁରସ୍କାର ଦେଇଥିଲେ। ଫାଓର ଚନ୍ଦ୍ର ମୁଦୁଲି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ଗୋଲକିପର ଚିନ୍ମୟ ବେହେରାଙ୍କୁ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟଭାବେ ପୁରସ୍କୃତ କରାଯାଇଥିଲା। ଏଥିସହ ସମସ୍ତ ରେଫରି, ମ୍ୟାଚ୍ କମିଶନର, ଯୁବ କ୍ରୀଡ଼ା ସଙ୍ଗଠକ, ଜାତୀୟ ସବ୍ ଜୁନିୟର ହକି ପ୍ରତିଯୋଗିତାର ଚାମ୍ପିୟନ ହୋଇଥିବା ଢେଙ୍କାନାଳ ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ, ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଏବଂ ସ୍ୱର୍ଗତ ଅଧିକାରୀ ସାମଲ ମେମୋରିଆଲ ଟ୍ରଷ୍ଟର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ରାଜ୍ୟ ବାହାରର ୭ ଟିମ୍ ସମେତ ମୋଟ ୧୨ ଦଳ ଭାଗନେଇଥିଲେ। ଫାଇନାଲ ମ୍ୟାଚ୍ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା।



ଟ୍ରଫି ସହ ଚାମ୍ପିୟନ ଫାଓ ଦଳର ଖେଳାଳି।

# ଆଇନ ଜାଣିଲେ ପୋଲିସ ପ୍ରଶିକ୍ଷାର୍ଥୀ

ଅନୁଗୋଳ ଅଫିସ, ୨୭।୧୧

ଅନୁଗୋଳ ପୋଲିସ ଟ୍ରେନିଂ କଲେଜ (ପିଟିସି)ରେ ପ୍ରଶିକ୍ଷଣ ନେଉଥିବା ୧୨୬ କ୍ୟାଡେଟ୍ ସବ୍‌ଇନ୍ସପେକ୍ଟର (ସିଏସ୍‌ଆଇ) ରବିବାର ଏନ୍‌ଟିପିସି ଶିଳ୍ପସଂସ୍ଥା, କୋଲିୟରୀ ଥାନା, ଏନ୍‌ଟିପିସି ଥାନା ପରିଦର୍ଶନ କରି ଜ୍ଞାନ ଆହରଣ କରିଛନ୍ତି। ସେମାନେ ଶନିବାର ସାତକୋଶିଆ ଅଞ୍ଚଳ ପରିଦର୍ଶନ କରିଥିବା ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ତଥା ପିଟିସି ଅଧକ୍ଷ ଜୟନାରାୟଣ ପଙ୍କଜ ସୂଚନା ଦେଇଛନ୍ତି।

ବିଭିନ୍ନ ମାମଲାକୁ କିଭଳି ସମାଧାନ କରାଯିବ, କେଉଁ ଅଭିଯୋଗ ଆସିଲେ କିଭଳି ମାମଲା ରୁଜୁ କରାଯିବ ସେନେଇ ସିଏସ୍‌ଆଇ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ସାତକୋଶିଆ ଅଭୟାରଣ୍ୟରେ ଘଟୁଥିବା ବିଭିନ୍ନ ଅପରାଧ ସମ୍ପର୍କରେ ସାତକୋଶିଆରେ ଏସିଏଫ୍ ଶୁଭେନ୍ଦୁ ବେହେରା ଅବଗତ କରାଇଥିଲେ। ପ୍ରାଣୀ ଶିକାର, ଜଙ୍ଗଲରେ ଅପରାଧ ଘଟିଲେ କିପରି ତଦନ୍ତ କରାଯିବ ସେ ନେଇ ବନ ବିଭାଗ କର୍ମଚାରୀ ଓ ପୋଲିସ ପକ୍ଷରୁ ବିଭିନ୍ନ ପରାମର୍ଶ ଦିଆଯାଇଛି। ଅନୁରୂପ ଭାବେ ଶିଳ୍ପସଂସ୍ଥା ଓ ଖଣି ଅଞ୍ଚଳରେ କେଉଁ ଧରଣର ଅପରାଧ ଘଟିବା ଆଶଙ୍କା ଥାଏ ଏବଂ ଏଭଳି ଆପରାଧିକ କାର୍ଯ୍ୟକଳାପକୁ କିପରି ରୋକାଯାଇପାରିବ ସେ ନେଇ ଥାନା ଅଧିକାରୀ ବୁଝାଇଥିଲେ। ଖଣି ଓ ଶିଳ୍ପ ସଂସ୍ଥାରେ ଦୁର୍ଘଟଣା ବା କୌଣସି ଅଘଟଣ ହେଲେ କିଭଳି ତଦନ୍ତ କରାଯିବ ସେନେଇ ପ୍ରଶିକ୍ଷାର୍ଥୀଙ୍କୁ ଅବଗତ କରାଯାଇଛି।

ପରିଦର୍ଶନ ସମୟରେ ପିଟିସି ଉପାଧକ୍ଷ ଚମାର ଭୋଇ, ଡିଏସ୍‌ପି ଶୋଭା ପଟ୍ଟନାୟକ, ଏନ୍‌ଟିପିସି ଥାନାଧିକାରୀ ସ୍ମିତାଞ୍ଜଳି ପ୍ରଧାନ, କୋଲିୟରୀ ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏନ୍‌ଟିପିସିର ଅଧିକାରୀ ବି.କେ. ପାଣ୍ଡେ ପ୍ରଶିକ୍ଷାର୍ଥୀଙ୍କୁ ଶିଳ୍ପସଂସ୍ଥା ବୁଲାଇ ଦେଖାଇଥିଲେ।


ସାତକୋଶିଆରେ ସିଏସ୍‌ଆଇ ପ୍ରଶିକ୍ଷାର୍ଥୀମାନେ।

## କୋଇଲା ଚାଲାଣ, ୨ ଗିରଫ

ଭୁବନ, ୨୭।୧୧(ଡି.ଏନ୍.ଏ.)

ଭୁବନ ପୋଲିସ ଶନିବାର ସନ୍ଧ୍ୟାରେ ଏକ ଚୋରା କୋଇଲା ବୋଝେଇ ମିନିଟ୍ରକ୍ ଜବତ କରିଥିଲା। ଏହି ଘଟଣାରେ ସରାଙ୍ଗ ଅଞ୍ଚଳର ଚାଳକ ଚନ୍ଦନ କୁମାର ଖଟୁଆ ଏବଂ ଖଲାସି ସୁନୀଲ ସାହୁଙ୍କୁ ଗିରଫ କରାଯାଇଛି।











ସିଆଇଟିୟୁର ୧୫ତମ ରାଜ୍ୟ ସମ୍ମିଳନୀ ପାଳନ ଅବସରରେ ରବିବାର ଭୁବନେଶ୍ୱରସ୍ଥିତ କସ୍ତୁରବା ନାରୀ ମହଲଠାରେ ସିଆଇଟିୟୁ ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ସଂଘର ପତାକା ଉତ୍ତୋଳନ କରୁଛନ୍ତି। ନିକଟରେ ଅଛନ୍ତି ପୂର୍ବତନ ଏମ୍‌ପି ତଥାଗତ ସତପଥୀ ଏବଂ ଅନ୍ୟମାନେ।

# ୪ ବିଇଓଙ୍କ ହାତରେ ୧୧ ବ୍ଲକର ଶିକ୍ଷା ବ୍ୟବସ୍ଥା

## ■ ରାୟଗଡ଼ା ଜିଲାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

ରାୟଗଡ଼ା ଅଫିସ,୨୭।୧୧

ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ପିଲାଙ୍କୁ ସ୍କୁଲ ମୁହାଁ କରିବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରୁଛନ୍ତି। ହେଲେ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଜିଲାରେ ୧୧ ବ୍ଲକ ମଧ୍ୟରୁ ୭ରେ ବିଇଓ ପଦବୀ ଖାଲି ପଡ଼ିଛି। ସେହିପରି ଚଳିତ ମାସରେ ଆଉ ଏକ ବ୍ଲକରେ ବିଇଓ ପଦବୀ ଖାଲି ହେବାକୁ ଯାଉଛି। ଫଳରେ ଶିକ୍ଷା ବ୍ୟବସ୍ଥାର ତଦାରଖ ଠିକ୍‌ରେ ହୋଇପାରୁନାହିଁ। ଅନେକ ସ୍କୁଲରେ ପିଲାଙ୍କ ଉପସ୍ଥାନ କମ୍ ରହୁଥିବା ବେଳେ ଆଉ କେତେକ ସ୍କୁଲରେ ପିଲାଙ୍କୁ ପଢ଼ାଇବା ପାଇଁ ଶିକ୍ଷକଙ୍କ ଅଭାବ ରହିଛି। ଏଭଳି ପରିସ୍ଥିତିରେ ସ୍କୁଲଗୁଡ଼ିକର ସମସ୍ୟା ବୁଝିବା ଏବଂ ଜିଲାସ୍ତରରେ ଉପସ୍ଥାପନା କରିବାକୁ ସ୍ଥାୟୀ ବିଇଓ ନାହାନ୍ତି। ୪ ବିଇଓଙ୍କ ହାତରେ ଚାଲିଛି ୧୧ ବ୍ଲକର ଶିକ୍ଷା ବ୍ୟବସ୍ଥା।

ଜିଲାର ଗୁଡ଼ାରି ବ୍ଲକରେ ୨୦୧୭ ଜୁନ୍‌ରୁ ସ୍ଥାୟୀ ବିଇଓ ପଦବୀ ଖାଲି ପଡ଼ିଛି। ସେହିପରି ୨୦୨୧ ରୁ କାଶୀପୁର ବ୍ଲକରେ, ୨୦୨୧ରୁ କଲ୍ୟାଣସିଂହପୁରରେ, ୨୦୨୨ ଜୁନ୍‌ରୁ ରାୟଗଡ଼ା ସଦର ବ୍ଲକରେ, ୨୦୨୧ ରୁ ଚନ୍ଦ୍ରପୁର ବ୍ଲକରେ, ୨୦୨୨ ଫେବୃୟାରୀରୁ ଗୁଣପୁର ବ୍ଲକରେ ଏବଂ ବିଷମକଟକ ବ୍ଲକରେ ୨ ମାସ ହେଲା ସ୍ଥାୟୀ ବିଇଓ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ପୂରଣ ହୋଇପାରୁନାହିଁ। ଏବେ କେବଳ ୪ ବ୍ଲକ ଯଥା ପଦ୍ମପୁର, ମୁନିଗୁଡ଼ା, ରାମନାଗୁଡ଼ା ଏବଂ କୋଲନରା ବ୍ଲକରେ ସ୍ଥାୟୀ ବିଇଓ ଦାୟିତ୍ୱରେ ଅଛନ୍ତି। ନିକଟସ୍ଥ ବ୍ଲକର ବିଇଓଙ୍କୁ ନିଜ ବ୍ଲକ ସହ ଖାଲି ପଡ଼ିଥିବା ବ୍ଲକର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେମାନେ ଏକାଧିକ ବ୍ଲକର ଦାୟିତ୍ୱ ଠିକ୍‌ରେ ତୁଲାଇପାରୁ ନ ଥିବା ଜଣାପଡ଼ିଛି। ଏହି ମାସରେ କୋଲନରା ବିଇଓ ମଧ୍ୟ ଚାକିରିରୁ ଅବସର ଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଏହାପରେ ଜିଲାରେ ମାତ୍ର ୩ ବିଇଓଙ୍କ ଦ୍ୱାରା ଶିକ୍ଷା ବ୍ୟବସ୍ଥାର ପରିଚାଳନା କିପରି ହେବ ତାହାକୁ ନେଇ ପ୍ରଶ୍ନ ଉଠିଛି।

ଜିଲାର ଅନେକ ସ୍କୁଲରେ ଶିକ୍ଷକ ଅଭାବ ଏବଂ ଠିକ୍ ସମୟରେ ଶିକ୍ଷକ ସ୍କୁଲକୁ ଆସୁ ନ ଥିବା ନେଇ ଅଭିଯୋଗ ଆସୁଛି। ଏହାର ତଦାରଖ କରିବାକୁ ବିଇଓ ନ ଥିବାବେଳେ ଡିଇଓ ସମସ୍ତ ବ୍ଲକର ସମସ୍ୟା ବୁଝିବା ସମ୍ଭବ ହୋଇପାରୁନାହିଁ। ଫଳରେ ତୃଣମୂଳ ସ୍ତରରେ ପ୍ରଶାସନିକ ପରିଚାଳନା, ନିରୀକ୍ଷଣ, ବିଭାଗୀୟ ସମସ୍ତ କର୍ମଚାରୀଙ୍କ କାର୍ଯ୍ୟକ୍ରମ ନିରୀକ୍ଷଣ କରିବା, ସମସ୍ତ ଶିକ୍ଷକଙ୍କୁ ସୂଚନା ପହଞ୍ଚାଇବା, ବିଦ୍ୟାଳୟରେ ଶୈକ୍ଷିକ ଉପକରଣ ଯୋଗାଇବା ଆଦିରେ ସମସ୍ୟା ଦେଖାଦେଉଛି। ମୁଖ୍ୟତଃ ଜିଲା ଏବଂ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ମଧ୍ୟରେ ଯୋଗାଯୋଗ ରହିପାରୁନାହିଁ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

ଜିଲାର ୭ ବ୍ଲକରେ ସ୍ଥାୟୀ ବିଇଓ ନ ଥିବା ବିଷୟରେ ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ପଚାରିବାରୁ ସେ କହିଛନ୍ତି, କ୍ଲାସ୍ ୨ ବରିଷ୍ଠ ଶିକ୍ଷକମାନଙ୍କ ପ୍ରମୋସନ ହେଲେ ଏସବୁ ସମସ୍ୟାର ସମାଧାନ ହୋଇପାରିବ। ରାୟଗଡ଼ା ବ୍ଲକ ମାଣିକଖୋଲା ସ୍ଥିତ ସରକାରୀ ୟୁ.ପି. ସ୍କୁଲର ପ୍ରଧାନଶିକ୍ଷକ ମହେନ୍ଦ୍ର ବିଭାରଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି, ବିଦ୍ୟାଳୟର ଯେକୌଣସି ସମସ୍ୟା ନେଇ ଗଲେ ତାହାର ତୁରନ୍ତ ସମାଧାନ ହୋଇ ପାରୁନାହିଁ। ଦରମା ମଧ୍ୟ ଠିକ୍ ସମୟରେ ମିଳୁନାହିଁ। ଡିଇଓ ଥିଲେ ମଧ୍ୟ ତାଙ୍କ ଉପରେ ସମଗ୍ର ଜିଲାର ଦାୟିତ୍ୱ ଥିବାରୁ ସବୁ କାମ ଠିକ୍‌ରେ ପରିଚାଳନା ହୋଇପାରୁନାହିଁ। ଗୁଡାରୀ ବ୍ଲକ ପାଙ୍ଗଣପଦର ସରକାରୀ ୟୁ.ପି. ସ୍କୁଲର ପ୍ରଧାନ ଶିକ୍ଷକ ବାଲାଜୀ ପାଣିଗ୍ରାହୀ କହିଛନ୍ତି, ବ୍ଲକରେ ଶିକ୍ଷା କ୍ଷେତ୍ରରେ ରହିଥିବା ସମସ୍ୟାକୁ ଜିଲାସ୍ତରରେ ଉପସ୍ଥାପନ କରିବାକୁ କେହି ନାହାନ୍ତି। ଶିକ୍ଷା ବ୍ୟବସ୍ଥା କାମଚଳା ନୀତିରେ ଚାଲିଥିବା ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସମସ୍ୟା ନେଇ ଗୁଡ଼ାରି ବ୍ଲକ କଲୋନି ପ୍ରାଥମିକ ବିଦ୍ୟାଳୟ ଶିକ୍ଷା ପରିଚାଳନା କମିଟିର ଆବାହକ ବାଳକୃଷ୍ଣ ସାହୁଙ୍କୁ ପଚାରିବାରୁ, ବ୍ଲକରେ ୫ ବର୍ଷ ହେଲା ସ୍ଥାୟୀ ବିଇଓ ଏବଂ ଏବିଇଓ ନ ଥିବା କହିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ପ୍ରତ୍ୟେକ ମାସରେ ହେଉଥିଲେ ମଧ୍ୟ ବିଦ୍ୟାଳୟ କିମ୍ବା ଅଭିଭାବକମାନଙ୍କ ସମସ୍ୟାର ସମାଧାନ ହୋଇପାରୁନାହିଁ ବୋଲି ସେ କହିଛନ୍ତି।























































# ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ

OPTCL
Lifeline of Odisha

ପଞ୍ଜୀକୃତ କାର୍ଯ୍ୟାଳୟ : ଜନପଥ, ଭୁବନେଶ୍ୱର - ୭୫୧୦୨୨, ଓଡ଼ିଶା

CIN : U40102OR2004SGC007553

## ଡିସେମ୍ବର - ୨୦୨୨ ନିମନ୍ତେ ଓପିଟିସିଏଲ ଅଧୀନରେ ଥିବା ଇ.ଏଚ୍.ଟି ଉପାଦାନ ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟକ୍ରମ - ୨୦୨୨-୨୩

| କ୍ର. ସଂ. | ସବ୍‌ଷ୍ଟେସନ ଏବଂ ଇ.ଏଚ୍.ଟି ଲାଇନର ନାମ | ସଟ୍‌ଡାଉନର ଅବଧି | ସଟ୍‌ଡାଉନର ସମୟ (ଘଣ୍ଟାରେ) | ଦିନ ସଂଖ୍ୟା |
|---|---|---|---|---|
| (କ) | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ, ବୁର୍ଲା | | | |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ବୁର୍ଲା / ଝାରସୁଗୁଡ଼ା / ଲପଙ୍ଗା | | | |
| ୧. | କୁଚିଣ୍ଡା ଗ୍ରୀଡ୍ ସବ୍‌ଷ୍ଟେସନ୍ ର ୧୩୨ କେଭି ସ୍ୱିଚ୍‌ୟାର୍ଡ୍ | ୦୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨. | ୪୦୦/୨୨୦/୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଲପଙ୍ଗା (୨୨୦ କେଭି ବସ୍-I) | ୦୨.୧୨.୨୨ ଏବଂ ୦୩.୧୨.୨୨ | ୦୮.୦୦-୧୭.୦୦ | ୨ |
| ୩. | (୧୩୨/୩୩ କେଭି ଟ୍ରାନ୍ସଫର୍ମର-I ଏବଂ ୧୩୨/୩୩ କେଭି ଟ୍ରାନ୍ସଫର୍ମର-II) ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଝାରସୁଗୁଡ଼ା | ୦୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୪. | କଟାପଲ୍ଲୀ ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨ କେଭି ମେନ୍ ବସ୍ ସେକ୍ସନ-I (୧୩୨ କେଭି ବରଗଡ଼, ଚିପିଲିମା ସର୍କିଟ୍-I, ୨୦ ଏମ୍‌ଭିଏ-I, ଅଟୋ-I) | ୦୫.୧୨.୨୨ | ୦୮.୦୦-୧୭.୦୦ | ୧ |
| ୫. | ୧୩୨ କେଭି ବୁଢ଼ିପଦର-କୋର୍ବା ସର୍କିଟ୍-II | ୦୫.୧୨.୨୨ ଏବଂ ୦୬.୧୨.୨୨ | ୦୮.୦୦-୧୭.୦୦ | ୨ |
| ୬. | ୪୦୦/୨୨୦/୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଲପଙ୍ଗା (୨୨୦ କେଭି ବସ୍-II) | ୦୬.୧୨.୨୨ ଏବଂ ୦୭.୧୨.୨୨ | ୦୮.୦୦-୧୭.୦୦ | ୨ |
| ୭. | ୧୩୨ କେଭି ସମ୍ବଲପୁର-ଶ୍ୟାମ ଡିଆରଆଇ ସିଙ୍ଗଲ୍ ସର୍କିଟ୍ ଲାଇନ୍ | ୦୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୮. | ୧୩୨ କେଭି ଶ୍ୟାମ ଡିଆରଆଇ-ଆର୍ଯ୍ୟାନ୍ ଭିରାଜ-ଲପଙ୍ଗା ସିଙ୍ଗଲ୍ ସର୍କିଟ୍ ଲାଇନ୍ | ୦୮.୧୨.୨୨ | ୦୮.୦୦-୧୭.୦୦ | ୧ |
| ୯. | ୧୩୨ କେଭି ଏସ୍‌ଏମ୍‌ସି-କୁଚିଣ୍ଡା ସିଙ୍ଗଲ୍ ସର୍କିଟ୍ ଲାଇନ୍ | ୦୯.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୦. | ୧୩୨ କେଭି ଲପଙ୍ଗା-ଏସ୍‌ଏମ୍‌ସି ସ୍ୱିଚିଙ୍ଗ୍ ଷ୍ଟେସନ୍ ସିଙ୍ଗଲ୍ ସର୍କିଟ୍ ଲାଇନ୍ | ୧୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୧. | ଟ୍ରାନ୍ସଫର୍ମର ନଂ-I ଏବଂ II, ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ରେଢ଼ାଖୋଲ | ୧୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୨. | ୧୩୨/୩୩/୧୧ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବ୍ରଜରାଜନଗର (ଟ୍ରାନ୍ସଫର୍ମର ନଂ- II ଏବଂ IV) | ୧୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୩. | ରିଆକ୍ଟର ଏବଂ ଯନ୍ତ୍ରପାତି ରକ୍ଷଣାବେକ୍ଷଣ କାର୍ଯ୍ୟର ସ୍ଥିତି ନିରୀକ୍ଷଣ ପାଇଁ ଲପଙ୍ଗା ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୨୨୦/୧୩୨ କେଭି ଅଟୋ ଟ୍ରାନ୍ସଫର୍ମର-I | ୧୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୪. | ୪୦୦ କେଭି ଲପଙ୍ଗା-ମେରାମୁଣ୍ଡଳୀ ସର୍କିଟ୍-I (ଲୋକେସନ୍ ନଂ.୪୧୪ ରୁ ଲପଙ୍ଗା ଶେଷ ପର୍ଯ୍ୟନ୍ତ) | ୧୪.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୫. | ୪୦୦ କେଭି ଲପଙ୍ଗା-ମେରାମୁଣ୍ଡଳୀ ସର୍କିଟ୍ -I (ଲୋକେସନ୍ ନଂ.-୧୩୯ ଠାରୁ ଲୋକେସନ୍ ନଂ.-୪୧୪) | ୧୪.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୬. | ୪୦୦ କେଭି ଲପଙ୍ଗା-ମେରାମୁଣ୍ଡଳୀ-I, ରିଆକ୍ଟର ଏବଂ ଯନ୍ତ୍ରପାତି ରକ୍ଷଣାବେକ୍ଷଣ କାର୍ଯ୍ୟର ସ୍ଥିତି ନିରୀକ୍ଷଣ ପାଇଁ (୮୦ ଏମ୍‌ଭିଏଆର ରିଆକ୍ଟର) | ୧୪.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୭. | ୧୩୨ କେଭି ମାନେଶ୍ୱର-ରେଢ଼ାଖୋଲ ସିଙ୍ଗଲ୍ ସର୍କିଟ୍ ଲାଇନ୍ | ୧୫.୧୨.୨୨ ଏବଂ ୧୬.୧୨.୨୨ | ୦୮.୦୦-୧୭.୦୦ | ୨ |
| ୧୮. | ୨୨୦/୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, କଟାପଲ୍ଲୀର ଅଟୋ ଟ୍ରାନ୍ସଫର୍ମର ନଂ.II | ୧୫.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୯. | ୨୨୦/୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବୁଢ଼ୀପଦର (ଅଟୋ ଟ୍ରାନ୍ସଫର୍ମର ନଂ.I ଏବଂ ୧୩୨/୩୩ କେଭି ଟ୍ରାନ୍ସଫର୍ମର ନଂ.-II) | ୧୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨୦. | ୨୨୦ କେଭି ବୁଢ଼ୀପଦର-ଏସ୍‌ପିଏସ୍ ସିଙ୍ଗଲ୍ ସର୍କିଟ୍ ଲାଇନ୍ | ୧୯.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨୧. | ୪୦୦ କେଭି ଲପଙ୍ଗା-ମେରାମୁଣ୍ଡଳୀ ସର୍କିଟ୍-II (ଲୋକେସନ୍ ନଂ.୪୧୪ ଠାରୁ ଲପଙ୍ଗା ଶେଷ ପର୍ଯ୍ୟନ୍ତ) | ୨୧.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨୨. | ୪୦୦ କେଭି ଲପଙ୍ଗା-ମେରାମୁଣ୍ଡଳୀ ସର୍କିଟ୍-II (ଲୋକେସନ୍ ନଂ. ୧୩୯ ଠାରୁ ଲୋକେସନ୍ ନଂ.୪୧୪ ପର୍ଯ୍ୟନ୍ତ) | ୨୧.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨୩. | ୪୦୦ କେଭି ଲପଙ୍ଗା-ମେରାମୁଣ୍ଡଳୀ-II, ରିଆକ୍ଟର ଏବଂ ଯନ୍ତ୍ରପାତି ରକ୍ଷଣାବେକ୍ଷଣ କାର୍ଯ୍ୟର ସ୍ଥିତି ନିରୀକ୍ଷଣ ପାଇଁ (୮୦ ଏମ୍‌ଭିଏଆର ରିଆକ୍ଟର) | ୨୧.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨୪. | ୨୨୦ କେଭି ବୁଢ଼ୀପଦର-ଏମ୍‌ଏସ୍‌ପି ସିଙ୍ଗଲ୍ ସର୍କିଟ୍ ଲାଇନ୍ | ୨୧.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨୫. | ୨୨୦ କେଭି ମେନ୍ ବସ୍-II, ବୁଢ଼ୀପଦର | ୨୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨୬. | ୨୨୦ କେଭି ବୁଢ଼ୀପଦର-ଏମ୍ ସିଏଲ୍ ସର୍କିଟ୍-I | ୨୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨୭. | ୨୨୦ କେଭି ବୁଢ଼ୀପଦର-ଏମ୍ ସିଏଲ୍ ସର୍କିଟ୍-II | ୨୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨୮. | ୧୩୨ କେଭି ବୁର୍ଲା-ଆଲ୍‌କୋ ସର୍କିଟ୍-I | ୨୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨୯. | ରିଆକ୍ଟର ଏବଂ ଯନ୍ତ୍ରପାତି ରକ୍ଷଣାବେକ୍ଷଣ କାର୍ଯ୍ୟର ସ୍ଥିତି ନିରୀକ୍ଷଣ ପାଇଁ ଲପଙ୍ଗା ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୨୨୦/୧୩୨ କେଭି ଅଟୋ ଟ୍ରାନ୍ସଫର୍ମର-II | ୨୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୩୦. | ୧୩୨ କେଭି ବୁର୍ଲା-ଆଲ୍‌କୋ ସର୍କିଟ୍-II | ୨୮.୧୨.୨୨ | ୦୮.୦୦-୧୭.୦୦ | ୧ |
| ୩୧. | ୧୩୨ କେଭି କୁଚିଣ୍ଡା-ରାଜଗାଙ୍ଗପୁର ସିଙ୍ଗଲ୍ ସର୍କିଟ୍ ଲାଇନ୍ (ବାମ୍ରା ପର୍ଯ୍ୟନ୍ତ) | ୩୦.୧୨.୨୨ | ୦୮.୦୦-୧୭.୦୦ | ୧ |
| ୩୨. | ୧୩୨ କେଭି ବୁଢ଼ୀପଦର-ତାର୍କେରା ସର୍କିଟ୍-I | ୩୦.୧୨.୨୨ | ୦୮.୦୦-୧୭.୦୦ | ୧ |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ରାଉରକେଲା/ରାଜଗାଙ୍ଗପୁର | | | |
| ୧. | ୧୩୨ କେଭି ତାର୍କେରା-ବୁଢ଼ୀପଦର ସର୍କିଟ୍-I (ରାଜଗାଙ୍ଗପୁର ରୁ ବାମ୍ରା) | ୦୧.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ରାଉରକେଲା | ୦୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୩. | ତାର୍କେରା ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୨୨୦ କେଭି ବସ୍-I | ୦୩.୧୨.୨୨ ଏବଂ ୦୫.୧୨.୨୨ | ୦୮.୦୦-୧୭.୦୦ | ୨ |
| ୪. | ୧୩୨ କେଭି ରାଉରକେଲା-ତାର୍କେରା ସର୍କିଟ୍-III | ୦୬.୧୨.୨୨ | ୦୮.୦୦-୧୭.୦୦ | ୧ |
| ୫. | ୧୩୨ କେଭି ତାର୍କେରା-ରାଉରକେଲା ସର୍କିଟ୍-II, ୧୩୨ କେଭି ତାର୍କେରା-ରାଜଗାଙ୍ଗପୁର ସର୍କିଟ୍-II | ୦୮.୧୨.୨୨ ଏବଂ ୦୯.୧୨.୨୨ | ୦୮.୦୦-୧୭.୦୦ | ୨ |
| ୬. | ୨୨୦ କେଭି ତାର୍କେରା-ଆରଏସ୍‌ପି ସର୍କିଟ୍ -II | ୦୯.୧୨.୨୨ | ୦୮.୦୦-୧୭.୦୦ | ୧ |
| ୭. | ତାର୍କେରା ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨ କେଭି ମେନ୍ ବସ୍ ସେକ୍ସନ-I | ୧୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୮. | ୧୩୨ କେଭି ରାଜଗାଙ୍ଗପୁର-କୁଚିଣ୍ଡା (ରାଜଗାଙ୍ଗପୁର ରୁ ବାମ୍ରା) ଲାଇନ୍ | ୧୬.୧୨.୨୨ ଏବଂ ୧୭.୧୨.୨୨ | ୦୮.୦୦-୧୭.୦୦ | ୨ |
| ୯. | ୧୩୨ କେଭି ତାର୍କେରା-ବୁଢ଼ୀପଦର ସର୍କିଟ୍-II (ରାଜଗାଙ୍ଗପୁର ପର୍ଯ୍ୟନ୍ତ) | ୨୦.୧୨.୨୨ ଏବଂ ୨୧.୧୨.୨୨ | ୦୮.୦୦-୧୭.୦୦ | ୨ |
| ୧୦. | ୧୩୨ କେଭି ତାର୍କେରା-ରାଜଗାଙ୍ଗପୁର ସର୍କିଟ୍-I | ୨୨.୧୨.୨୨ ଏବଂ ୨୩.୧୨.୨୨ | ୦୮.୦୦-୧୭.୦୦ | ୨ |
| ୧୧. | ୨୨୦ କେଭି ତାର୍କେରା-ବୁଢ଼ୀପଦର ସର୍କିଟ୍-I (ରାଜଗାଙ୍ଗପୁର ରୁ ବାମ୍ରା) | ୨୮.୧୨.୨୨ ଏବଂ ୨୯.୧୨.୨୨ | ୦୮.୦୦-୧୭.୦୦ | ୨ |
| ୧୨. | ୧୩୨ କେଭି ତାର୍କେରା-ଛେନ୍ଦ ଡିସି ଲାଇନ୍ | ୨୯.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୩. | ୨୨୦ କେଭି ତାର୍କେରା-ବୁଢ଼ୀପଦର ସର୍କିଟ୍-II (ରାଜଗାଙ୍ଗପୁର ରୁ ବାମ୍ରା) | ୩୦.୧୨.୨୨ ଏବଂ ୩୧.୧୨.୨୨ | ୦୮.୦୦-୧୭.୦୦ | ୨ |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ବରପାଲ୍ଲୀ | | | |
| ୧. | ୧୩୨ କେଭି କଟାପଲ୍ଲୀ-ବରଗଡ଼ ସିଙ୍ଗଲ୍ ସର୍କିଟ୍ ଲାଇନ୍ | ୧୪.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ବରଗଡ଼ | ୧୪.୧୨.୨୨ | ୦୮.୦୦-୧୭.୦୦ | ୧ |
| ୩. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ବରପାଲ୍ଲୀ | ୧୬.୧୨.୨୨ | ୦୮.୦୦-୧୭.୦୦ | ୧ |
| ୪. | ୧୩୨ କେଭି ବରପାଲ୍ଲୀ-ଡୁଙ୍ଗୁରିପାଲ୍ଲୀ ଆରଟିଏସ୍‌ଏସ୍ ଲାଇନ୍ | ୧୬.୧୨.୨୨ | ୦୮.୦୦-୧୭.୦୦ | ୧ |
| ୫. | ୧୩୨ କେଭି ବରଗଡ଼ ନୂଆ-ଘେସ ଡିସି ଲାଇନ୍ | ୧୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୬. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ଘେସ୍ | ୧୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୭. | ୨୨୦/୧୩୨ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ବରଗଡ଼ ନୂଆ | ୧୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୮. | ୨୨୦ କେଭି କଟାପଲ୍ଲୀ-ବରଗଡ଼ ନୂଆ ସର୍କିଟ୍-I | ୨୯.୧୨.୨୨ | ୦୮.୦୦-୧୭.୦୦ | ୧ |
| (ଖ) | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ୍, ବଲାଙ୍ଗୀର | | | |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ବଲାଙ୍ଗୀର | | | |
| ୧. | ୧୩୨ କେଭି ବଲାଙ୍ଗୀର-ସୋନପୁର ସିଙ୍ଗଲ୍ ସର୍କିଟ୍ ଲାଇନ୍ | ୦୬.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ସୋନପୁର | ୦୬.୧୨.୨୨ | ୦୮.୦୦-୧୭.୦୦ | ୧ |
| ୩. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବୌଦ୍ଧ | ୦୬.୧୨.୨୨ | ୦୮.୦୦-୧୭.୦୦ | ୧ |
| ୪. | ୧୩୨ କେଭି ସୋନପୁର-ବୌଦ୍ଧ ସିଙ୍ଗଲ୍ ସର୍କିଟ୍ ଲାଇନ୍ | ୦୬.୧୨.୨୨ | ୦୮.୦୦-୧୭.୦୦ | ୧ |
| ୫. | ୧୩୨ କେଭି ବଲାଙ୍ଗୀର-ପାଟଣାଗଡ଼ ସିଙ୍ଗଲ୍ ସର୍କିଟ୍ ଲାଇନ୍ | ୦୯.୧୨.୨୨ | ୦୮.୦୦-୧୭.୦୦ | ୧ |
| ୬. | ୨୨୦ କେଭି କଟାପାଲ୍ଲୀ-ପିଜିସିଆଇଏଲ୍ ସର୍କିଟ୍ | ୨୦.୧୨.୨୨ | ୦୮.୦୦-୧୭.୦୦ | ୧ |
| ୭. | ବଲାଙ୍ଗୀର ନୂଆ ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୬୦ ଏମ୍‌ଭିଏ, ୨୨୦/୧୩୨/୩୩ କେଭି ଅଟୋ-I | ୨୮.୧୨.୨୨ | ୦୮.୦୦-୧୭.୦୦ | ୧ |
| ୮. | ବଲାଙ୍ଗୀର ନୂଆ ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨ କେଭି ମେନ୍ ବସ୍ ସେକ୍ସନ୍-I | ୨୮.୧୨.୨୨ | ୦୮.୦୦-୧୭.୦୦ | ୧ |
| ୯. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ପାଟଣାଗଡ଼ | ୨୮.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୦. | ୨୨୦ କେଭି ବଲାଙ୍ଗୀର ନୂଆ-ବରଗଡ଼ ନୂଆ ସର୍କିଟ୍ | ୩୦.୧୨.୨୨ | ୦୮.୦୦-୧୭.୦୦ | ୧ |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, କେସିଙ୍ଗା/ନୂଆପଡ଼ା | | | |
| ୧. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ କେସିଙ୍ଗା | ୦୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨. | ୧୩୨ କେଭି ଥେରୁବାଲି-କେସିଙ୍ଗା ଲାଇନ୍ | ୦୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୩. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ଜୁନାଗଡ଼ | ୨୧.୧୨.୨୨ | ୦୮.୦୦-୧୭.୦୦ | ୧ |
| ୪. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଭବାନିପାଟଣା | ୨୧.୧୨.୨୨ | ୦୮.୦୦-୧୭.୦୦ | ୧ |
| ୫. | ୧୩୨ କେଭି କେସିଙ୍ଗା-ଭବାନୀପାଟଣା-ଜୁନାଗଡ଼ ସିଙ୍ଗଲ ସର୍କିଟ୍ ଲାଇନ୍ | ୨୧.୧୨.୨୨ | ୦୮.୦୦-୧୭.୦୦ | ୧ |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ନୂଆପଡ଼ା | | | |
| ୧. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ଖରିଆର | ୧୬.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨. | ୧୩୨ କେଭି ଜିଏସ୍‌ଏସ୍ କଣ୍ଟାବାଞ୍ଜି | ୧୬.୧୨.୨୨ | ୦୮.୦୦-୧୭.୦୦ | ୧ |
| ୩. | ୧୩୨ କେଭି ଆରଟିଏସ୍‌ଏସ୍ କଣ୍ଟାବାଞ୍ଜି | ୧୬.୧୨.୨୨ | ୦୮.୦୦-୧୭.୦୦ | ୧ |
| ୪. | ୧୩୨ କେଭି ଖରିଆର-ନୂଆପଡ଼ା ସିଙ୍ଗଲ୍ ସର୍କିଟ୍ ଲାଇନ୍ | ୨୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୫. | ୧୩୨ କେଭି ପାଟଣାଗଡ଼-ପଦମ୍ପୁର ଲାଇନ୍ | ୨୮.୧୨.୨୨ | ୦୮.୦୦-୧୭.୦୦ | ୧ |
| (ଗ) | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ୍, ଜୟପୁର | | | |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ଜୟନଗର/ମାଲକାନଗିରି | | | |
| ୧. | ୧୩୨ କେଭି ଆରଇ ଫିଡର ଜୟନଗର ସବ୍‌ଷ୍ଟେସନ୍ ରୁ ଜୟପୁର ଟିଏସ୍‌ଏସ୍ | ୦୧.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨. | ୨୨୦ କେଭି ବାଲିମେଳା-ଜୟନଗର ସର୍କିଟ୍-III | ୦୧.୧୨.୨୨ ରୁ ୦୩.୧୨.୨୨ | ୦୮.୦୦-୧୭.୦୦ | ୩ |
| ୩. | ୨୨୦ କେଭି ଜୟନଗର-ଉ.କୋଲାବ ସର୍କିଟ୍-II | ୦୮.୧୨.୨୨ | ୦୮.୦୦-୧୭.୦୦ | ୧ |
| ୪. | ୨୨୦ କେଭି ବାଲିମେଳା-ମାଲକାନଗିରି ଲାଇନ୍ | ୦୯.୧୨.୨୨ | ୦୮.୦୦-୧୭.୦୦ | ୧ |
| ୫. | ୧୩୨ କେଭି ପୋଡାଗଡ଼-ପୋଟ୍ଟାଙ୍ଗୀ ଲାଇନ୍ | ୦୯.୧୨.୨୨ | ୦୮.୦୦-୧୭.୦୦ | ୧ |
| ୬. | ୧୩୨ କେଭି ସୁନାବେଡ଼ା-ପୋଟ୍ଟାଙ୍ଗୀ ଲାଇନ୍ | ୦୯.୧୨.୨୨ | ୦୮.୦୦-୧୭.୦୦ | ୧ |
| ୭. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ପୋଟ୍ଟାଙ୍ଗୀ | ୦୯.୧୨.୨୨ | ୦୮.୦୦-୧୭.୦୦ | ୧ |
| ୮. | ୧୩୨ କେଭି ସୁନାବେଡ଼ା-ଜୟନଗର ସର୍କିଟ୍-II | ୧୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୯. | ଜୟନଗର ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୧୬୦ ଏମ୍‌ଭିଏ ଅଟୋ-I (ଅଲ୍‌ଷ୍ଟୋମ୍) | ୧୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୦. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ସୁନାବେଡ଼ା, ୩୩ କେଭି ସ୍ୱିଚ୍‌ୟାର୍ଡ୍ | ୧୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୧. | ୨୨୦ କେଭି ଜୟନଗର-ଜୟପୁର (ପିଜି) ସର୍କିଟ୍-I | ୧୫.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୨. | ଜୟନଗର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨ କେଭି ଏକ୍ସଟେନ୍‌ସନ୍ ସ୍ୱିଚ୍‌ୟାର୍ଡର ରିଜର୍ଭ ବସ୍ | ୧୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୩. | ଜୟନଗର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୨୨୦ କେଭି ବସ୍-I | ୨୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୪. | ୨୨୦ କେଭି ଜୟନଗର-ଜୟପୁର (ପିଜି) ସର୍କିଟ୍-II | ୩୦.୧୨.୨୨ | ୦୮.୦୦-୧୭.୦୦ | ୧ |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ଥେରୁବାଲି | | | |
| ୧. | ୨୨୦ କେଭି ଥେରୁବାଲି-ଲକ୍ଷ୍ମୀପୁର ସର୍କିଟ୍-I | ୦୬.୧୨.୨୨ ଏବଂ ୦୭.୧୨.୨୨ | ୦୮.୦୦-୧୭.୦୦ | ୨ |
| ୨. | ୧୩୨ କେଭି ମୁନିଗୁଡ଼ା-ବିଷମକଟକ ଆରଟିଏସ୍‌ଏସ୍ ଫିଡର | ୦୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୩. | ୨୨୦ କେଭି ଲକ୍ଷ୍ମୀପୁର-ଜୟନଗର ସର୍କିଟ୍-I | ୦୮.୧୨.୨୨ ଏବଂ ୦୯.୧୨.୨୨ | ୦୮.୦୦-୧୭.୦୦ | ୨ |
| ୪. | ୧୩୨ କେଭି ରାୟଗଡ଼ା-ଆଖୁସିଂଘ ଲାଇନ୍ | ୧୨.୧୨.୨୨ ଏବଂ ୧୩.୧୨.୨୨ | ୦୮.୦୦-୧୭.୦୦ | ୨ |
| ୫. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ରାୟଗଡ଼ା | ୧୪.୧୨.୨୨ ଏବଂ ୧୫.୧୨.୨୨ | ୦୮.୦୦-୧୭.୦୦ | ୨ |
| ୬. | ୨୨୦ କେଭି ଥେରୁବାଲି-ଭଞ୍ଜନଗର ସର୍କିଟ୍-I | ୧୬,୧୭,୧୯ ଏବଂ ୨୦.୧୨.୨୨ | ୦୮.୦୦-୧୭.୦୦ | ୪ |
| ୭. | ୧୩୨ କେଭି ଆଖୁସିଂଘ-ପାରଳାଖେମୁଣ୍ଡି ଲାଇନ୍ | ୨୧.୧୨.୨୨ ରୁ ୨୨.୧୨.୨୨ | ୦୮.୦୦-୧୭.୦୦ | ୨ |
| ୮. | ୨୨୦ କେଭି ଥେରୁବାଲି-ଭଞ୍ଜନଗର ସର୍କିଟ୍-II | ୨୬.୧୨.୨୨ ରୁ ୨୯.୧୨.୨୨ | ୦୮.୦୦-୧୭.୦୦ | ୪ |
| (ଘ) | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ୍, ଯାଜପୁର ରୋଡ୍ | | | |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ଯାଜପୁର ରୋଡ୍ | | | |
| ୧. | ଡୁବୁରି ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୨୨୦/୩୩ କେଭି ୪୦ ଏମ୍‌ଭିଏ ଟ୍ରାନ୍ସଫର୍ମର - I ଏବଂ ୩୩ କେଭି ବସ୍ | ୦୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨. | ୧୩୨ କେଭି ଜବାମୟୀ-ଡୁବୁରି ସର୍କିଟ୍- II | ୦୬.୧୨.୨୨ | ୦୮.୦୦-୧୭.୦୦ | ୧ |
| ୩. | ୧୩୨ କେଭି ସ୍ୱିଚ୍‌ୟାର୍ଡ୍ ଗ୍ରୀଡ୍ ସବ୍‌ଷ୍ଟେସନ୍ ଡୁବୁରି | ୦୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୪. | ୧୩୨ କେଭି ଟିଟିପିଏସ୍-ଗୋଣ୍ଡିଆ ସର୍କିଟ୍ - II | ୦୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୫. | ୨୨୦ କେଭି ଡୁବୁରି-ଏନ୍‌ଆଇଏନ୍‌ଏଲ୍ ଲାଇନ୍ | ୦୯.୧୨.୨୨ | ୦୮.୦୦-୧୭.୦୦ | ୧ |
| ୬. | ୧୩୨ କେଭି ଡୁବୁରି-ବିଆରପିଏଲ୍-ମେସ୍କୋ-II | ୧୫.୧୨.୨୨ | ୦୮.୦୦-୧୭.୦୦ | ୧ |
| ୭. | ୧୩୨ କେଭି କାମାକ୍ଷାନଗର-ଡୁବୁରି ସର୍କିଟ୍- I | ୧୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୮. | ୧୩୨ କେଭି ଡୁବୁରି-ଯାଜପୁର ରୋଡ୍ ସର୍କିଟ୍- II | ୧୯.୧୨.୨୨ | ୦୮.୦୦-୧୭.୦୦ | ୧ |
| ୯. | ଗ୍ରୀଡ୍ ସବ୍‌ଷ୍ଟେସନ୍ ଡୁବୁରି ଠାରେ ୨୨୦/୧୩୨ କେଭି ୧୬୦ ଏମ୍‌ଭିଏ ଅଟୋ ଟ୍ରାନ୍ସଫର୍ମର-I | ୨୧.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୦. | ୧୩୨ କେଭି ଜବାମୟୀ-ଗୋଣ୍ଡିଆ ସର୍କିଟ୍-II | ୨୦.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୧. | ୧୩୨ କେଭି ସ୍ୱିଚ୍‌ୟାର୍ଡ୍ ଗ୍ରୀଡ୍ ସବ୍‌ଷ୍ଟେସନ୍, ଯାଜପୁର ରୋଡ୍ | ୨୨.୧୨.୨୨ | ୦୮.୦୦-୧୭.୦୦ | ୧ |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ନୂଆ ଡୁବୁରି | | | |
| ୧. | ୨୨୦ କେଭି ନୂଆ ଡୁବୁରି-ଡୁବୁରି ସର୍କିଟ୍-I | ୦୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨. | ୨୨୦ କେଭି ନୂଆ ଡୁବୁରି-ଡୁବୁରି ସର୍କିଟ୍-II | ୦୮.୧୨.୨୨ | ୦୮.୦୦-୧୭.୦୦ | ୧ |
| ୩. | ୨୨୦ କେଭି ନୂଆ ଡୁବୁରି-ଭଦ୍ରକ ସର୍କିଟ୍ | ୧୭.୧୨.୨୨ | ୦୮.୦୦-୧୭.୦୦ | ୧ |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ଯୋଡ଼ା | | | |
| ୧. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ପୋଲାସପୋଙ୍ଗା | ୦୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨. | ୧୩୨ କେଭି ଯୋଡ଼ା-ପୋଲାସପୋଙ୍ଗା ଲାଇନ୍ | ୦୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୩. | ୧୩୨ କେଭି ପୋଲାସପୋଙ୍ଗା-କେଉଁଝର ଆରଟିଏସ୍‌ଏସ୍ ଲାଇନ୍ | ୦୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୪. | ୨୨୦ କେଭି ଟିଟିପିଏସ୍-ଯୋଡ଼ା ସର୍କିଟ୍-II (ଲୋକେସନ୍ ନଂ. ୨୩୫ ରୁ ୫୦୮) | ୦୧.୧୨.୨୨ ରୁ ୦୩.୧୨.୨୨ | ୦୮.୦୦-୧୭.୦୦ | ୩ |
| ୫. | ୧୩୨ କେଭି ପୋଲାସପୋଙ୍ଗା-କରଞ୍ଜିଆ ଲାଇନ୍, ଲୋକସନ୍ ନଂ. ୧୧୦ ପର୍ଯ୍ୟନ୍ତ | ୦୬.୧୨.୨୨ | ୦୮.୦୦-୧୭.୦୦ | ୧ |
| ୬. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବଡ଼ବିଲ୍ | ୦୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୭. | ୨୨୦ କେଭି ଟିଟିପିଏସ୍-ଯୋଡ଼ା ସର୍କିଟ୍-I (ଲୋକେସନ୍ ନଂ. ୨୩୫ ରୁ ୫୦୮) | ୧୫.୧୨.୨୨ ରୁ ୧୭.୧୨.୨୨ | ୦୮.୦୦-୧୭.୦୦ | ୩ |
| ୮. | ଯୋଡ଼ା ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨ କେଭି ବସ୍ I ଏବଂ II | ୨୧.୧୨.୨୨ ଏବଂ ୨୨.୧୨.୨୨ | ୦୮.୦୦-୧୭.୦୦ | ୨ |
| ୯. | ୧୩୨ କେଭି ଯୋଡ଼ା-ନାଲ୍‌ଦା ଲାଇନ୍ | ୨୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୦. | ୧୩୨ କେଭି ବୋଲାଣି ଗ୍ରୀଡ୍ ସବ୍‌ଷ୍ଟେସନ୍ ସହିତ ଲିଲୋ ଲାଇନ୍ | ୨୩.୧୨.୨୨ | ୦୮.୦୦-୧୭.୦୦ | ୧ |
| | ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ବାଲେଶ୍ୱର | | | |
| ୧. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ସୋରୋ | ୦୬.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨. | ୧୩୨ କେଭି କୁଚେଇ-ଜଳେଶ୍ୱର ସର୍କିଟ୍-I (ଲୋକେସନ୍ ନଂ.୦୧ ରୁ ୩୦୧) | ୦୯.୧୨.୨୨ | ୦୮.୦୦-୧୭.୦୦ | ୧ |
| ୩. | ୨୨୦ କେଭି ନୂଆ ଡୁବୁରି-ବାଲେଶ୍ୱର (ଲୋକେସନ୍ ନଂ.୧ ଠାରୁ ୧୯୭) | ୧୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୪. | ବାଲେଶ୍ୱର ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୬୦ ଏମ୍‌ଭିଏ ଅଟୋ-I | ୧୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୫. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ବସ୍ତା | ୧୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୬. | ୧୩୨ କେଭି ଟ୍ରାକ୍ସନ ଏବଂ ବିର୍ଲା ଟାୟାର ଲାଇନ୍ | ୧୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୭. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଜଳେଶ୍ୱର | ୨୧.୧୨.୨୨ | ୦୮.୦୦-୧୭.୦୦ | ୧ |
| ୮. | ୧୩୨ କେଭି ଜଳେଶ୍ୱର-ଭୋଗରାଇ ସର୍କିଟ୍-I (ଲୋକେସନ୍ ନଂ.୧-୯୩) | ୨୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୯. | ୨୨୦ କେଭି କୁଚେଇ-ବାଲେଶ୍ୱର ଲାଇନ୍ ସର୍କିଟ୍-II (ଲୋକେସନ୍ ନଂ.୧ ରୁ ୩୦୮) | ୨୮.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୦. | ୧୩୨ କେଭି ବସ୍ତା-ଜଳେଶ୍ୱର ସିଙ୍ଗଲ ସର୍କିଟ୍ ଲାଇନ୍ (ଲୋକେସନ୍ ନଂ.୧୧୧ ରୁ ୧୯୦) | ୩୦.୧୨.୨୨ | ୦୮.୦୦-୧୭.୦୦ | ୧ |
| | ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ଭଦ୍ରକ | | | |
| ୧. | ୧୩୨ କେଭି ଭଦ୍ରକ-ଫାକୋର ଲାଇନ୍ | ୦୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨. | ଭଦ୍ରକ ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୨୨୦ କେଭି ସ୍ୱିଚ୍‌ୟାର୍ଡ୍ | ୧୧.୧୨.୨୨ | ୦୮.୦୦-୧୭.୦୦ | ୧ |
| ୩. | ଭଦ୍ରକ ଗ୍ରୀଡ୍ ସବ୍‌ଷ୍ଟେସନ୍ ଠାରେ ୧୩୨ କେଭି ସ୍ୱିଚ୍‌ୟାର୍ଡ | ୧୪.୧୨.୨୨ | ୦୮.୦୦-୧୭.୦୦ | ୧ |
| ୪. | ୧୩୨ କେଭି ଭଦ୍ରକ-ଡିପିସିଏଲ୍ ଲାଇନ୍ | ୨୩.୧୨.୨୨ | ୦୮.୦୦-୧୭.୦୦ | ୧ |
| | ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ବାରିପଦା | | | |
| ୧. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ବାରିପଦା | ୦୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨. | ୧୩୨ କେଭି କରଞ୍ଜିଆ ଲିଲୋ ଡିସି ଲାଇନ୍ ସର୍କିଟ୍-II | ୦୬.୧୨.୨୨ | ୦୮.୦୦-୧୭.୦୦ | ୧ |
| ୩. | ୧୩୨ କେଭି ବାଲେଶ୍ୱର-ବାରିପଦା ଲାଇନ୍ (ବେତନଟୀ-ବାରିପଦା) | ୧୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୪. | ୧୩୨ କେଭି କରଞ୍ଜିଆ ଲିଲୋ ଡିସି ଲାଇନ୍ ସର୍କିଟ୍-I | ୧୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୫. | ୧୩୨ କେଭି ବାରିପଦା-ବାରିପଦା (ପିଜି) ଲାଇନ୍ | ୧୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୬. | ୧୩୨/୩୩ କେଭି ରାଇରଙ୍ଗପୁର-ବାରିପଦା ପିଜି ଲାଇନ୍ (ରାଇରଙ୍ଗପୁର ରୁ ବାଙ୍ଗିରିପୋଷି) | ୨୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୭. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ରାଇରଙ୍ଗପୁର | ୨୩.୧୨.୨୨ | ୦୮.୦୦-୧୭.୦୦ | ୧ |
| (ଙ) | ଇଏଚ୍‌ଟି (ଓ ଆଣ୍ଡ ଏମ୍) ସର୍କଲ୍, କଟକ | | | |
| | ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ୍, ଚୌଦ୍ୱାର, କଟକ, ପାରାଦ୍ୱୀପ | | | |
| ୧. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ପାରାଦ୍ୱୀପ | ୦୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ମାର୍ଶାଘାଇ | ୦୬.୧୨.୨୨ | ୦୮.୦୦-୧୭.୦୦ | ୧ |
| ୩. | ୧୩୨ କେଭି କେନ୍ଦ୍ରାପଡ଼ା-ପାରାଦ୍ୱୀପ ସର୍କିଟ୍-I | ୦୬.୧୨.୨୨ | ୦୮.୦୦-୧୭.୦୦ | ୧ |
| ୪. | ୧୩୨ କେଭି କେନ୍ଦ୍ରାପଡ଼ା-ସାଲିପୁର ଲାଇନ୍ | ୦୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୫. | ୧୩୨ କେଭି କେନ୍ଦ୍ରାପଡ଼ା-ପାରାଦ୍ୱୀପ ସର୍କିଟ୍-II | ୦୮.୧୨.୨୨ | ୦୮.୦୦-୧୭.୦୦ | ୧ |
| ୬. | ୨୨୦/୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, କଟକର ୧୩୨ କେଭି ସ୍ୱିଚ୍‌ୟାର୍ଡ୍ | ୦୯.୧୨.୨୨ | ୦୮.୦୦-୧୭.୦୦ | ୧ |
| ୭. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଜଗତ୍‌ସିଂହପୁର | ୦୯.୧୨.୨୨ | ୦୮.୦୦-୧୭.୦୦ | ୧ |
| ୮. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଫୁଲନଖରା | ୧୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୯. | ୧୩୨ କେଭି କଟକ-ଫୁଲନଖରା ଲାଇନ୍ | ୧୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୦. | ୨୨୦/୧୩୨ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ପାରାଦ୍ୱୀପ ର ୨୨୦ କେଭି ସ୍ୱିଚ୍‌ୟାର୍ଡ୍ | ୧୫.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୧. | ୨୨୦/୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, କଟକ ର ୨୨୦ କେଭି ସ୍ୱିଚ୍‌ୟାର୍ଡ୍ | ୧୬.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୨. | ୨୨୦/୧୩୨ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ପାରାଦ୍ୱୀପ ର ୧୩୨ କେଭି ସ୍ୱିଚ୍‌ୟାର୍ଡ୍ | ୧୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୩. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ପଟ୍ଟାମୁଣ୍ଡାଇ | ୧୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୪. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ କେନ୍ଦ୍ରାପଡ଼ା | ୧୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୫. | ୧୩୨ କେଭି ଯାଜପୁର ରୋଡ୍-ଚଣ୍ଡିଖୋଲ ସର୍କିଟ୍-I | ୨୦.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୬. | ୧୩୨ କେଭି ଯାଜପୁର ରୋଡ୍-କେନ୍ଦ୍ରାପଡ଼ା ସର୍କିଟ୍-II | ୨୧.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୭. | ୧୩୨ କେଭି ମେରାମୁଣ୍ଡଳୀ-ଆରତୀ ସର୍କିଟ୍-I | ୨୨.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୮. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ନୂଆପାଟଣା | ୨୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୧୯. | ୧୩୨ କେଭି ଢେଙ୍କାନାଳ-ନୂଆପାଟଣା ଲାଇନ୍ | ୨୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨୦. | ୧୩୨ କେଭି କଟକ-ଜଗତ୍‌ସିଂହପୁର ଲାଇନ୍ | ୨୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨୧. | ୨୨୦ କେଭି ବିଡ଼ାନାଶୀ-କଟକ ଡିସି ଲାଇନ୍ | ୨୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨୨. | ୧୩୨ କେଭି ବିଡ଼ାନାଶୀ-ଚନ୍ଦକା ଲାଇନ୍ | ୨୮.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨୩. | ୧୩୨ କେଭି କେନ୍ଦ୍ରାପଡ଼ା-ଚଣ୍ଡିଖୋଲ ସର୍କିଟ୍-I | ୨୯.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨୪. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ଚଣ୍ଡିଖୋଲ | ୨୯.୧୨.୨୨ | ୦୮.୦୦-୧୭.୦୦ | ୧ |
| (ଚ) | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ୍, ଭୁବନେଶ୍ୱର | | | |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ଭୁବନେଶ୍ୱର | | | |
| ୧. | ୧୩୨ କେଭି ଚନ୍ଦକା-ରଣସିଂହପୁର ସର୍କିଟ୍ | ୦୩.୧୨.୨୨ | ୦୮.୦୦-୧୭.୦୦ | ୧ |
| ୨. | ୧୩୨ କେଭି ଚନ୍ଦକା- ମେଣ୍ଢାଶାଳ ଲାଇନ୍ | ୦୬.୧୨.୨୨ | ୦୮.୦୦-୧୭.୦୦ | ୧ |
| ୩. | ୨୨୦/୩୩ କେଭି ଜିଆଏସ୍, ଇନ୍‌ଫୋସିଟି-II | ୦୭.୧୨.୨୨ | ୦୮.୦୦-୧୭.୦୦ | ୧ |
| ୪. | ୨୨୦/୧୩୨/୩୩ କେଭି ଜିଆଇଏସ୍, ଚନ୍ଦକା-ବି ଏବଂ ଆସୋସିଏଟେଡ୍ ୟୁଜିସି | ୦୮.୧୨.୨୨ | ୦୮.୦୦-୧୭.୦୦ | ୧ |

## ୨ ବଖରା ଜଳିଗଲା

**କଣିହାଁ, (ଡି.ଏନ.ଏ.):** କଣିହାଁ ବ୍ଲକ ସମଲ ଥାନା ବିକିସର ଗ୍ରାମ ମୁଣ୍ଡା ହଟିଂରେ ଶନିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ସୁଶୀଳା ଚମ୍ପତି ଓ ଅନ୍ୟ ଜଣକ ଘର ଜଳିଯାଇଛି। ସମ୍ପୃକ୍ତ ପରିବାରର ଟଙ୍କା, ଖାଦ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ ଆସବାବପତ୍ର ପୋଡ଼ି ଯାଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କଠାରୁ କଣିହାଁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପ୍ରଶାସନ ପକ୍ଷରୁ ଅଗ୍ନିବିପନ୍ନଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ, ୩ ଗିରଫ

**ପାଲଲହଡା,୨୭।୧୧(ଡି.ଏନ.ଏ.):** ପାଲଲହଡା ଥାନା ପୋଲିସ ସ୍ଥାନୀୟ ସାପ୍ତାହିକ ହାଟରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନାଲୁ ନାୟକ (୪୫), ଅରୁଣ ବେହେରା (୪୧) ଏବଂ ସୁନୀଲ ରାଉତ (୨୫)। ସେମାନଙ୍କଠାରୁ ନଗଦ ୯୨୦୦ ଟଙ୍କା ଜବତ କରାଯାଇଛି।

### ହାତୀ ଆକ୍ରମଣରେ ଚାଷୀ ଗୁରୁତର

**ଛେଣ୍ଡିପଦା,୨୭।୧୧(ସ୍ୱ.ପ୍ର.)** ଛେଣ୍ଡିପଦା ବନାଞ୍ଚଳ ନୂଆଗାଁ ପଞ୍ଚାୟତ ଡଙ୍ଗାପାଳ ଗ୍ରାମର ଚାଷୀ ହୃଦାନନ୍ଦ ପ୍ରଧାନ ଶନିବାର ରାତିରେ ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଏକ ପଲରେ ୨୨ ହାତୀ ହୃଦାନନ୍ଦଙ୍କ ଖଳାରୁ ଧାନ ଖାଉଥିବାବେଳେ ଗ୍ରାମବାସୀ ସେମାନଙ୍କୁ ଘଉଡ଼ାଇଥିଲେ। ଏହି ସମୟରେ ହୃଦାନନ୍ଦଙ୍କୁ ଏକ ଦନ୍ତା ଆକ୍ରମଣ କରିଥିଲା। ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଉକ୍ତ ହାତୀପଲକୁ ଅନ୍ୟତ୍ର ଘଉଡ଼ାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ୩୦ କୁଇଣ୍ଟାଲ ଧାନ ପୋଡ଼ିଗଲା

**ଛେଣ୍ଡିପଦା,୨୭।୧୧(ସ୍ୱ.ପ୍ର.)** ଛେଣ୍ଡିପଦା ଥାନା ସନ୍ତରାବନ୍ଧ ଗ୍ରାମର ଟୁନା ସାହୁଙ୍କ ଖଳାରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩୦ କୁଇଣ୍ଟାଲରୁ ଅଧିକ ଧାନ ପୋଡ଼ିଯାଇଛି। ଏହାର ଆନୁମାନିକ ମୂଲ୍ୟ ୭୦,୦୦୦ ଟଙ୍କା ହେବ। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। କ୍ଷୟକ୍ଷତି ଆକଳନ କରି ବିପନ୍ନ ଚାଷୀଙ୍କୁ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ଲୁଟ୍ ଘଟଣାରେ ୫ ଅଟକ

**ସାତମାଇଲ/ରାସୋଳ, ୨୭।୧୧(ଡି.ଏନ୍.ଏ.)** ହିନ୍ଦୋଳ ବ୍ଲକ ବାଲିମୀ ଥାନା ଅଧୀନ କୁକୁଟା ଗ୍ରାମ ନିକଟରୁ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀଙ୍କଠାରୁ ୯୦ ହଜାର ଟଙ୍କା ଲୁଟ୍ ମାମଲାରେ ପୋଲିସ ୫ ଜଣଙ୍କୁ ଅଟକ ରଖିଛି। ଉକ୍ତ ଗ୍ୟାଙ୍ଗର ୭ ସଦସ୍ୟଙ୍କ ମଧ୍ୟରୁ ଅନ୍ୟ ୨ଜଣ ଫେରାର ଅଛନ୍ତି। ସମ୍ପୃକ୍ତ ଅଭିଯୁକ୍ତମାନେ ଗତବର୍ଷ ରାସୋଳସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଓ ସୁନାଗହଣା ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ଖୁବ୍‌ଶୀଘ୍ର ଘଟଣାର ରହସ୍ୟ ଉନ୍ମୋଚନ କରାଯିବ ବୋଲି ଥାନାଧିକାରୀ ବ୍ରହ୍ମାନନ୍ଦ ପାତ୍ର ସୂଚନା ଦେଇଛନ୍ତି।

### ମଦ ପାଇଁ ଟଙ୍କା ନ ଦେବାରୁ ଆକ୍ରମଣ

**ଅନୁଗୋଳ ଅଫିସ,୨୭।୧୧** ଅନୁଗୋଳ ତାଳଚେର ଥାନା ପଦ୍ମାବତୀପୁର ଗ୍ରାମରେ ମଦ ପିଇବାକୁ ଟଙ୍କା ନ ଦେବାରୁ ବିଟ ବେହେରାଙ୍କ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଦୁଇ ଜଣ ଅଭିଯୁକ୍ତ ଯୁବକ ତାଙ୍କ ଗାଡ଼ି ଭାଙ୍ଗି ଦେଇଛନ୍ତି। ବିଟଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୯୦୩/୨୨ରେ ମାମଲା ରୁଜୁ କରିଛି।

### କୋଇଲା ଗାଡ଼ି ନେଇ ଡ୍ରାଇଭର ଚମ୍ପଟ୍

**ଅନୁଗୋଳ ଅଫିସ, ୨୭।୧୧:** ଅନୁଗୋଳ ଜିଲା କୋଲିୟରୀ ଥାନା ଅଞ୍ଚଳର ଏକ ଖଣିରୁ କୋଇଲା ବୋଝେଇ ଗାଡ଼ି ନେଇ ଡ୍ରାଇଭର ଚମ୍ପଟ ମାରିଛନ୍ତି। ଏ ନେଇ ଟ୍ରାନ୍ସପୋର୍ଟ କମ୍ପାନୀର ମ୍ୟାନେଜରଙ୍କ ଲିଖିତ ଅଭିଯୋଗକ୍ରମେ ପୋଲିସ ନଂ. ୬୧୫/୨୨ରେ ମାମଲା ରୁଜୁ କରିଛି। ଉକ୍ତ ଖଣିରୁ ଗତମାସ ୨୯ ତାରିଖରେ ୨୪.୫୨ ଟନ୍ କୋଇଲା ବୋଝେଇ କରି ଟ୍ରକ ନଂ. (ସିଜି ୦୬ ଜିସି ୯୪୧୫) ଝାଡ଼ସୁଗୁଡ଼ା ଅଭିମୁଖେ ବାହାରିଥିଲା। ଇତିମଧ୍ୟରେ ୩୩ ଦିନ ବିତି ଯାଇଥିଲେ ମଧ୍ୟ ଉକ୍ତ କୋଇଲା ବୋଝେଇ ଟ୍ରକ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ନାହିଁ। ଏ ନେଇ ମଧ୍ୟ ଗାଡ଼ି ମାଲିକଙ୍କୁ ଟ୍ରାନ୍ସପୋର୍ଟ କମ୍ପାନୀ ପକ୍ଷରୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ସହ ସମ୍ପର୍କ ହୋଇପାରୁ ନାହିଁ। ଶେଷରେ ଟ୍ରାନ୍ସପୋର୍ଟ କମ୍ପାନୀ ମାଲିକ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

### ଆଇନଜୀବୀଙ୍କୁ ମାଡ଼ ଅଭିଯୋଗ

**ଛେଣ୍ଡିପଦା, ୨୭।୧୧(ସ୍ୱ.ପ୍ର.)** ଯୌତୁକ ସାମଗ୍ରୀ ଫେରାଇବାକୁ ଯାଇଥିବା ବେଳେ ଜଣେ ଆଇନଜୀବୀଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଘଟଣା ଘଟିଛି ଛେଣ୍ଡିପଦା ଥାନା କୁକୁରପେଟା ଗ୍ରାମରେ। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଥାନାଧିକାରୀ ଧୀରେନ କୁମାର ବେହେରା କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ବରପଦା ଗ୍ରାମର ରୋଜାଲି ଦେହୁରୀ ତାଙ୍କ ସ୍ୱାମୀ ତଥା କୁକୁରପେଟା ଗ୍ରାମର ଅନିଲ ସାହୁଙ୍କ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଥିଲେ। ସ୍ୱାମୀ ଦ୍ୱିତୀୟ ବିବାହ କରିଥିବା ସୂଚନା ପାଇ ଗତ ୧୭ ତାରିଖରେ ରୋଜାଲି ଶାଶୁଘର ଆଗରେ ଧାରଣା ଦେଇଥିଲେ। ରବିବାର ଅନିଲ ଏବଂ ତାଙ୍କ ମାମଲା ଲଢୁଥିବା ଅନୁଗୋଳର ଜଣେ ଓକିଲ ଯୌତୁକ ସାମଗ୍ରୀ ଫେରାଇବାକୁ କୁକୁରପେଟା ଗ୍ରାମକୁ ଯାଇଥିବା ବେଳେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପୋଲିସ ଘଟଣାସ୍ଥଳରୁ ପଳାଇ ଆସିବା ସହ ଆଇନଜୀବୀଙ୍କୁ ମଧ୍ୟ ଚାଲିଯିବା ପାଇଁ କହିଥିଲା। ତେବେ ଆଇନଜୀବୀ ଜଣକ ଅନିଲଙ୍କ ସପକ୍ଷରେ କହୁଥିବାରୁ ମହିଳାମାନେ ଉତ୍ତେଜିତ ହୋଇପଡ଼ିବା ସହ ତାଙ୍କୁ ମାଡ଼ ମାରିଥିଲେ।

# ଚାଷୀଙ୍କ ପାଇଁ ଲଢ଼ିବ କୃଷକ ଅଧିକାର ସମିତି

**ଢେଙ୍କାନାଳ ଅଫିସ, ୨୭।୧୧**

■ଯୋଡ଼ିହେବେ ଜିଲାର ଅଗ୍ରଣୀ କୃଷିଜୀବୀ
■ସରକାରଙ୍କୁ ଅବଗତ କରାଯିବ ପ୍ରମୁଖ ସମସ୍ୟା


କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକଙ୍କ ସମେତ ଅଗ୍ରଣୀ ଚାଷୀ।

ଢେଙ୍କାନାଳ ଜିଲାରେ ଚାଷ ଓ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ରବିବାର 'କୃଷକ ଅଧିକାର ସମିତି' ସଙ୍ଗଠନ ଗଠିତ ହୋଇଛି। ଏହି ଉପଲକ୍ଷେ କପିଳାସ ପୀଠରେ ପୂର୍ବତନ ବିଧାୟକ ନବୀନ ନନ୍ଦ, ବରିଷ୍ଠ କୃଷକ ନେତା ନିରଞ୍ଜନ ପତିଙ୍କ ଆବାହକତ୍ୱରେ ଜିଲାର ଅଗ୍ରଣୀ ଚାଷୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏହାର ସମାଧାନ ଲାଗି ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ପାଇଁ ସ୍ଥିର ହୋଇଛି।

ଏହି ନୂତନ ସଙ୍ଗଠନରେ ଜିଲାର ୮୦ ସେବା ସମବାୟ ସମିତି ଅଞ୍ଚଳରୁ ସଭ୍ୟଙ୍କୁ ସାମିଲ କରାଯିବ। ପ୍ରତି ବ୍ଲକରେ ଜଣେ ଅଗ୍ରଣୀ ଚାଷୀଙ୍କୁ ପ୍ରାଥମିକସ୍ତରରେ ଆବାହକ ଭାବେ ମନୋନୀତ କରାଯିବ। ପ୍ରତି ପଞ୍ଚାୟତରୁ ଅନ୍ୟୂନ ୧୦ ଅଗ୍ରଣୀ ଚାଷୀଙ୍କୁ ନେଇ ଜାନୁୟାରୀ ଶେଷ ସୁଦ୍ଧା ସଙ୍ଗଠନକୁ ସକ୍ରିୟ ରୂପରେଖ ଦେବା ପାଇଁ ନିଷ୍ପତ୍ତି ହୋଇଛି। ଜିଲା ଆବାହକ ରୂପେ ଅଗ୍ରଣୀ ଚାଷୀ ନିରଞ୍ଜନ ପତି, ଓଡ଼ାପଡ଼ା ବ୍ଲକ ଆବାହକ ଭାବେ ବିଶ୍ୱଜିତ୍ ଆର୍ଯ୍ୟେନ୍ଦୁ ଜେନା, ଗଁଦିଆ ବ୍ଲକ ପାଇଁ ଚିନ୍ତାମଣି ତ୍ରିପାଠୀ, ସଦର ବ୍ଲକ ପାଇଁ ରମେଶ ଚନ୍ଦ୍ର ରାଉତ, ଭୁବନ ବ୍ଲକ ପାଇଁ ବେଣୁଧର ପ୍ରଧାନ ମନୋନୀତ ହୋଇଛନ୍ତି।

୨୦୦୮ରୁ ସରକାର ଚାଷୀଙ୍କୁ ଦେଇଥିବା ଅଖା ବାବଦ ଟଙ୍କା ମିଳି ନ ଥିବା ମଠତେନ୍ତୁଳିଆର ଅଗ୍ରଣୀ ଚାଷୀ ଉଦୟନାଥ ପାଣିଗ୍ରାହୀ ଅଭିଯୋଗ କରିଥିଲେ। ବେଗା ଗ୍ରାମର ଅଗ୍ରଣୀ ଚାଷୀ ଶାନ୍ତିସ୍ୱରୂପ ଜେନା କହିଥିଲେ, ସରକାର ଚାଷୀଙ୍କୁ ପ୍ରତି ଏକର ପିଛା ୭ କୁଇଣ୍ଟାଲ ଧାନ ବିକ୍ରି କରିବାକୁ ଅନୁମତି ଦେଇଛନ୍ତି। ଚାଷୀମାନେ ଏକରପିଛା ୨୭୦୦୦ ଟଙ୍କା ଋଣ ଆଣୁଛନ୍ତି। ଧାନବିକ୍ରି ବାବଦରେ ୧୪ହଜାର ଟଙ୍କା ମିଳୁଥିବାରୁ ବଳକା ୧୩ ହଜାର ଟଙ୍କା କିପରି ଶୁଝିବୁ ବୋଲି ସେ ପ୍ରଶ୍ନ କରିଥିଲେ। ସରକାର ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବ୍ୟବସ୍ଥା କରିଥିଲେ ମଧ୍ୟ ପ୍ରଶାସନିକ ଅବହେଳାରୁ ତାହା ଜିଲାରେ କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ପୂର୍ବତନ ବିଧାୟକ ନନ୍ଦ କ୍ଷୋଭ ବ୍ୟକ୍ତ କରିଥିଲେ। କାମାକ୍ଷାନଗରର ସାମାଜିକ କର୍ମୀ ରାଜନାରାୟଣ ତ୍ରିପାଠୀ ଚାଷୀଙ୍କୁ କୃଷିଭିତ୍ତିକ ଯୋଜନାର ସୁଯୋଗ ନେବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ସଦର ବ୍ଲକର ମାନସ ବାଘ, ସୁଶୀଲ ରାଉତ, ଭରତ ଦାସ, ସୁବ୍ରତ ନନ୍ଦ, ଅସିତ ମହାନ୍ତି, ମନ୍ଦାରର ପଦନ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ଦାୟିତ୍ୱ ପାଇଁ ଲବି ଆରମ୍ଭ

**ବଅଁରପାଳ, ୨୭।୧୧(ଡି.ଏନ୍.ଏ.)**

### ଅବସର ନେବେ ନାଲ୍‌କୋ ଇଡି, ଜିଜିଏମ୍



ନାଲ୍‌କୋ ନିର୍ବାହୀ ନିର୍ଦ୍ଦେଶକ (ଇଡି) ଅମ୍ବିକା ପ୍ରସାଦ ପଣ୍ଡା ଏବଂ ଜିଜିଏମ୍ (ମାନବ ସମ୍ବଳ) ସତ୍ୟାନନ୍ଦ ସାହୁଙ୍କ କାର୍ଯ୍ୟକାଳ ୪ ଦିନ ପରେ ଶେଷ ହେବ। ଖାଲି ପଡୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ କମ୍ପାନୀ ପକ୍ଷରୁ କାହାକୁ ନିଯୁକ୍ତି ଦିଆଯିବ, ସେ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ବହୁ ବରିଷ୍ଠ ପଦପଦବୀରେ ଥିବା ଅଧିକାରୀମାନେ ଏଥିଲାଗି ଲବି ଆରମ୍ଭ କରିଦେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ସିପିପି ଏବଂ ସ୍ମେଲ୍‌ଟର ପ୍ଲାଣ୍ଟରେ କାର୍ଯ୍ୟରତ କେତେଜଣ ମହାପ୍ରବନ୍ଧକ ଏହି ପଦବୀ ଲାଗି ଆଶାୟୀ ଅଛନ୍ତି। ସେମାନେ କର୍ପୋରେଟ୍ କାର୍ଯ୍ୟାଳୟରେ ଏଥିଲାଗି ଲବି ଆରମ୍ଭ କରି ସାରିଲେଣି। ଅନ୍ୟପଟେ ଇଡି, ଜିଜିଏମ୍ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ସ୍ଥାୟୀ ନିଯୁକ୍ତି ଦିଆଯିବ କି କୌଣସି ଜଣେ ବରିଷ୍ଠ ଅଧିକାରୀଙ୍କୁ ଅବସ୍ଥାପିତ କରାଯିବ ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଉକ୍ତ ୨ ପଦବୀରେ ସ୍ଥାୟୀ ନିଯୁକ୍ତି ଦେବାକୁ କର୍ମଚାରୀ ମହଲରେ ଦାବି ହେଉଛି। ପାରିପାର୍ଶ୍ୱିକ ଅଞ୍ଚଳର ବିକାଶକୁ ଅଗ୍ରାଧିକାର ଦେଉଥିବା ଏବଂ ଶ୍ରମିକଙ୍କ ନ୍ୟାଯ୍ୟ ଦାବି ପୂରଣ କରିବାର ସାମର୍ଥ୍ୟ ରଖୁଥିବା ଅଭିଜ୍ଞ ଅଧିକାରୀ ଏହି ପଦବୀ ହାତେଇବେ ବୋଲି ଚର୍ଚ୍ଚା ହେଉଛି।

# ନ୍ୟାଯ୍ୟ ଦାବି ପାଇଁ କୁଲାଡ଼ବାସୀ ଏକାଠି



**ବଅଁରପାଳ, ୨୭।୧୧(ଡି.ଏନ୍.ଏ.)**

### ୨୦ ଜଣିଆ କମିଟି ଗଠିତ

ଅନୁଗୋଳ ଜିଲା ବଅଁରପାଳ ବ୍ଲକ କୁଲାଡ଼ ଗ୍ରାମବାସୀ ନ୍ୟାଯ୍ୟଦାବିରେ ରବିବାର ଏକାଠି ହୋଇଛନ୍ତି। କମ୍ପାନୀ ପ୍ରଭାବିତ ଗ୍ରାମରେ ଦୀର୍ଘଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ଲାଗି ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ୨୦ ଜଣିଆ କମିଟି ଗଠିତ ହୋଇଛି।

ଅଞ୍ଚଳର ବେକାର ଯୁବତୀଯୁବକଙ୍କୁ ନାଲ୍‌କୋର ଠିକାସଂସ୍ଥାରେ ନିଯୁକ୍ତି, ନାଲ୍‌କୋରୁ ନିର୍ଗତ ବିଷାକ୍ତ ପାଣି ବନ୍ଦ, ସ୍କୁଲ ଉନ୍ନତୀକରଣ, ନୂତନ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦୀର୍ଘଦିନରୁ ଦାବି କରି ଆସୁଛନ୍ତି। ହେଲେ ଏହାକୁ ଅଣଦେଖା କରାଯାଉଛି। ଏହାର ପ୍ରତିବାଦରେ ୨୯ ତାରିଖରେ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ଶନିବାର ସରପଞ୍ଚ ଉଷାରାଣୀ ସ୍ୱାଇଁ, ଗ୍ରାମ ସଭାପତି ଅଶୋକ ବିଶୋଇ, ନାଲ୍‌କୋ ଟ୍ରକ ମାଲିକ ସଂଘ ସଭାପତି ମନୋରଞ୍ଜନ ଜେନା, ରିଣ୍ଟୁ ସିଂ ପ୍ରମୁଖ ନାଲ୍‌କୋ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ୧୫ ଦିନ ମଧ୍ୟରେ ସମସ୍ୟା ସମାଧାନ ଲାଗି କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ନାଲ୍‌କୋ ସହ ଆଲୋଚନା ପାଇଁ ଗଠିତ କମିଟିରେ ସରପଞ୍ଚ, ନାଏବ ସରପଞ୍ଚ, ସମିତିସଭ୍ୟ, ପୂର୍ବତନ ସରପଞ୍ଚ, ୱାର୍ଡସଭ୍ୟଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଅଛନ୍ତି। ବୈଠକରେ ନାଏବ ସରପଞ୍ଚ ଅଶୋକ ଜେନା, ଗ୍ରାମ କମିଟି ସମ୍ପାଦକ ବିଚିତ୍ରାନନ୍ଦ ସାମଲ, ବରିଷ୍ଠ ଶ୍ରମିକ ନେତା ବିନୋଦ ବିହାରୀ ସେଠ, ବିପ୍ଳବ ଜେନା, ପୂର୍ବତନ ସରପଞ୍ଚ ହରମୋହନ ସିଂ, ପଦ୍ମ ମାନ୍ତ, ରମେଶ ଅମାନ୍ତ, ପ୍ରଦୀପ ଅମାନ୍ତ, ଶେଷଦେବ ଦେହୁରୀ, ରାଜା ଧୀର, ମୁନା ଧୀର, ଦିଲୀପ ଧୀର, ଦୀପକ ସେଠ, ଜୀବେଶ ସିଂ, ଅଜୟ ସିଂ ପ୍ରମୁଖ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ତୀରନ୍ଦାଜ ସଂଘ ସଦସ୍ୟଙ୍କ ଷ୍ଟାଡିୟମ୍ ପରିଦର୍ଶନ

**ଢେଙ୍କାନାଳ ଅଫିସ, ୨୭।୧୧**

ଆସନ୍ତା ଡିସେମ୍ବର ୯ରୁ ୧୧ ଯାଏ ୪ର୍ଥ ରାଜ୍ୟ ଆଦିବାସୀ ତୀରନ୍ଦାଜ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହାକୁ ସଫଳତାର ସହ ଆୟୋଜନ କରିବା ପାଇଁ ଆୟୋଜକ ଢେଙ୍କାନାଳ ତୀରନ୍ଦାଜ୍ ସଂଘର ପ୍ରସ୍ତୁତି ଆରମ୍ଭ ହୋଇଛି। ରବିବାର ଓଡ଼ିଶା ତୀରନ୍ଦାଜ୍ ସଂଘ କଟକରୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଢେଙ୍କାନାଳ ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ଅଧିକାରୀମାନେ ଷ୍ଟାଡିୟମ୍‌ର ଚତୁଃପାର୍ଶ୍ୱ ବୁଲି ଦେଖିବା ସହ ମାପଚୁପ କରିଥିଲେ। ଏଥିସହ ସୁଟିଂ ରେଞ୍ଜ୍, ଷ୍ଟେଜ୍, ତୀରନ୍ଦାଜ ବୈଷୟିକ ନିୟମ ସମ୍ପର୍କରେ ଅବଗତ କରାଇଥିଲେ। ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳୀନ କୁମାର ଦାସ, ଜିଲା ତୀରନ୍ଦାଜ୍ ସଂଘ ସଭାପତି ନବୀନ ଚନ୍ଦ୍ର ନାରାୟଣ ଦାସ, ସମ୍ପାଦକ ଅମିୟ ଚାନ୍ଦ, ଅଚ୍ୟୁତ ସାହୁ, ଭେନ୍ୟୁ ମ୍ୟାନେଜର ରାମକୃଷ୍ଣ ବେହେରା, ଆୟୋଜକ କମିଟି ଉପାଧ୍ୟକ୍ଷ ରାଜକିଶୋର ବେହେରା, ରାଜ୍ୟ ସଂଘ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ, କୋଷାଧ୍ୟକ୍ଷ ସୌରଜିତ୍ ସିଂ, ଟେକ୍ନିକାଲ୍ ସଭ୍ୟ ବିଶ୍ୱଜିତ୍ ସିଂ ଏବଂ ଜଟାଧାରୀ ରାଉତ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି।


ଓଡ଼ିଶା ତୀରନ୍ଦାଜ ସଂଘ କର୍ମକର୍ତ୍ତା ଷ୍ଟାଡିୟମ ପରିଦର୍ଶନ କରୁଛନ୍ତି।

# ଅବାଧ ମଦ କାରବାର ରୋକିବାକୁ ଦାବି

**ବଇଣ୍ଡା, ୨୭।୧୧(ଡି.ଏନ୍.ଏ.)**

କିଶୋରନଗର ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚୋରା ଦେଶୀ ମହୁଲି ମଦ କାରବାର ବଢୁଛି। ବିଶେଷ କରି ଖଇରମୁଣ୍ଡା ଗ୍ରାମର ବିଭିନ୍ନ ସାହିରେ ଏଭଳି ବେଆଇନ ମଦ ବ୍ୟବସାୟ ଖୋଲାଖୋଲି ଚାଲିଥିଲେ ମଧ୍ୟ ଅବକାରୀ ବିଭାଗ କିମ୍ବା ପୋଲିସ ପକ୍ଷରୁ ଚଢ଼ାଉ କରାଯାଉନାହିଁ। ମଦ୍ୟପାନ ଯୋଗୁ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏ ନେଇ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଶନିବାର ଗ୍ରାମର ମହିଳା ସଂଘ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି, ଖଇରମୁଣ୍ଡା ଗ୍ରାମରେ ଚୋରା ମଦ ବ୍ୟବସାୟୀମାନେ ଘରେ ଘରେ ମହୁଲି ମଦ ରାନ୍ଧୁଛନ୍ତି। ଏଭଳି ବେଆଇନ କାର୍ଯ୍ୟରେ ଅବକାରୀ ବିଭାଗର କେତେଜଣ କର୍ମଚାରୀ ସହଯୋଗ କରୁଛନ୍ତି। ବାଇକ୍‌ରେ ବୁଦୁଲିମୁଣ୍ଡା ଓ ନିକଟରେ ଥିବା ମଦ ଭାଟିରୁ ଅନ୍ୟତ୍ର ଚାଲାଣ ହେଉଛି। ବ୍ୟାପକ ନିଶା କାରବାର ଯୋଗୁ ଅଞ୍ଚଳରେ ଶାନ୍ତିଭଙ୍ଗ ହେଉଛି। ଯୁବପିଢ଼ି ପଥଭ୍ରଷ୍ଟ ହେଉଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତି ଉପୁଜୁଛି। ଏଭଳି ନିଶା କାରବାର ଉପରେ ଅଙ୍କୁଶ ଲଗାଇବାକୁ ମହିଳା ସଂଘ ପକ୍ଷରୁ ବଇଣ୍ଡା ଅବକାରୀ ବିଭାଗ କାର୍ଯ୍ୟାଳୟରେ ୨୦୨୧ ଡିସେମ୍ବର ୧୨ ଏବଂ ୨୦୨୨ ଏପ୍ରିଲ୍ ୧ରେ ଅଭିଯୋଗ କରାଯାଇଥିଲା। ତଥାପି ପଦକ୍ଷେପ ନିଆଯାଉନାହିଁ। ଏଥିପ୍ରତି ଅନୁଗୋଳ ଜିଲାପାଳ ଦୃଷ୍ଟିଦେଇ ଜିଲା ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍‌କୁ ଚଢ଼ାଉ କରିବାକୁ ନିର୍ଦ୍ଦେଶ ଦେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଆଠମଲ୍ଲିକ ଅବକାରୀ ନିରୀକ୍ଷକ ଅନିତା ଓଝା କହିଛନ୍ତି, ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଛି।

# ମୃତ ଚାଷୀଙ୍କୁ ଶ୍ରଦ୍ଧାଞ୍ଜଳି




**ଅନୁଗୋଳ ଅଫିସ,୨୭।୧୧**

ବିବାଦୀୟ କୃଷି ବିଲ୍ ପ୍ରତ୍ୟାହାର ଦାବିରେ ଦିଲ୍ଲୀରେ ଚାଲିଥିବା ଆନ୍ଦୋଳନ ସମୟରେ ମୃତ ଚାଷୀଙ୍କୁ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର୍ ସଙ୍ଗଠନ (ଏଆଇକେକେଏମ୍) ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସଙ୍ଗଠନର ଜିଲା କମିଟି ଉଦ୍ୟମରେ ଅନୁଗୋଳ ବସ୍‌ଷ୍ଟାଣ୍ଡ, ବଅଁରପାଳ ବ୍ଲକର କୁମଣ୍ଡ, ବେଣାଗଡ଼ିଆ, ଛେଣ୍ଡିପଦା ବ୍ଲକର ତେଣ୍ଟୁଲୋଇ, କୁକୁରପେଟା, କସିଡିହ, ବାଲିପଙ୍ଗା ପଞ୍ଚାୟତର ଚନ୍ଦ୍ରପୁର, ଦୁର୍ଗାପୁର, କଙ୍କରାଇ, କିଶୋରନଗର ବ୍ଲକ ଆଦି ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ଜିଲା ସଭାପତି ସୁବାସ ପ୍ରଧାନ, ସମ୍ପାଦକ ରଣଜିତ୍ ପ୍ରଧାନ, ଉପସଭାପତି ନବକିଶୋର ପ୍ରଧାନ, ସହ ସମ୍ପାଦକ ସଞ୍ଜୟ ସାହୁ, ଉଦୟ ଭୋଇ, ପ୍ରମୋଦ ବେହେରା, ଶଙ୍କର ବେହେରା, ରମଣି ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକଗ୍ରାଣ୍ଟ ଶିକ୍ଷକଙ୍କ ଆନ୍ଦୋଳନ ଚେତାବନୀ

**ଢେଙ୍କାନାଳ ଅଫିସ, ୨୭।୧୧**


ବୈଠକରେ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ।

ସପ୍ତମ ବେତନ କମିଶନ ହାରରେ ଦରମା ନ ଦେଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ନୂତନ ଅନୁଦାନପ୍ରାପ୍ତ ବ୍ଲକ ଗ୍ରାଣ୍ଟ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ ଢେଙ୍କାନାଳ ଶାଖା ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ନେଇ ଜିଲା ସଂଘ ସଭାପତି ଯୁଗଳ କିଶୋର ପାଣିଙ୍କ ସଭାପତିତ୍ୱରେ କଙ୍କଡ଼ାହାଡ଼ ପଞ୍ଚାୟତସ୍ଥିତ ବାବା ଶକ୍ତେଶ୍ୱର ଟ୍ୟୁଟୋରିଆଲ ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି, ବ୍ଲକ ଗ୍ରାଣ୍ଟ ଶିକ୍ଷକମାନେ ସମାନ କାମକୁ ସମାନ ଦରମାରୁ ବଞ୍ଚିତ ହୋଇ ରହିଛନ୍ତି। ଚାକିରି ସର୍ତ୍ତାବଳୀ ଲାଗୁ ହୋଇନାହିଁ। ସେମାନଙ୍କ ପରିବାର ବହୁ ଅସୁବିଧାରେ କାଳ କାଟୁଛନ୍ତି। ଗତ ଜାନୁୟାରୀ ୧ରୁ ସରକାର ୭ମ ବେତନ ଦରମା ଘୋଷଣା କରିଥିଲେ ମଧ୍ୟ ଅଦ୍ୟାବଧି ପ୍ରଦାନ କରାଯାଇନାହିଁ। ଏହାର ବିଚାର କରିବାକୁ ସଂଘ ସମ୍ପାଦକ ମଧୁସୂଦନ ରାଉତ ସରକାରଙ୍କ ନିକଟରେ ଦାବି କରିଥିଲେ। ହିନ୍ଦୀ ଶିକ୍ଷକ ନିଯୁକ୍ତିରେ ଥିବା ଅସଙ୍ଗତି ଦୂର କରିବା, ସଂସ୍କୃତ ଶିକ୍ଷକ, ଖେଳ ଶିକ୍ଷକ ଓ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଦରମା ଓ ଭତ୍ତାରେ ରହିଥିବା ତାରତମ୍ୟ ଦୂର କରିବାକୁ ଦାବି ହୋଇଛି। ସଂଘର ପରବର୍ତ୍ତୀ ବୈଠକ ୧୮ ତାରିଖରେ ସପ୍ତଶଯ୍ୟାଠାରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ କନୁଆ ସାହୁ, ଅଶ୍ୱିନୀ ପଣ୍ଡା, ସନ୍ତୋଷ ସାହୁ, ଚନ୍ଦ୍ରମଣି ଦଳବେହେରା, ବିଜୟ ସାମଲ, ପଦ୍ମନାଭ ବାରିକ, ପ୍ରଭାତ ମିଶ୍ର, ନୀଳାଚଳ ବାରିକ, ଧରଣୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଜୟ କେତନ ବେହେରା ଧନ୍ୟବାଦ ଦେଇଥିଲେ।

# ସୁରକ୍ଷା କର୍ମୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

**ଛେଣ୍ଡିପଦା,୨୭।୧୧(ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ ଜରପଡ଼ା ଥାନା ସୀମାନ୍ତ ଅଗ୍ରୱାଲା ଇନଫ୍ରା ବିଲଡ ପ୍ରାଇଭେଟ ଲିମିଟେଡ୍ (ଏଆଇପିଏଲ୍) କମ୍ପାନୀରେ କାର୍ଯ୍ୟରତ ସୁରକ୍ଷାକର୍ମୀ ତଥା ଦୁବନାଳୀ ଗ୍ରାମର ଟିଟୁ ପ୍ରଧାନ(୨୩)ଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ଶନିବାର ରାତିରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ସହକର୍ମୀମାନେ ତାଙ୍କୁ ଅନୁଗୋଳ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କ୍ଷତିପୂରଣ ଦାବିରେ ସମ୍ପର୍କୀୟମାନେ କତଡ଼ାସ୍ଥିତ କମ୍ପାନୀ ସମ୍ମୁଖ ୫୫ନଂ. ଜାତୀୟ ରାଜପଥରେ ମୃତଦେହ ରଖି ଧାରଣାରେ ବସିଥିଲେ। ଥାନାଧିକାରୀ ସରୋଜକାନ୍ତ ସାମଲ ସଦଳବଳ ପହଞ୍ଚିଥିଲେ। ଆନ୍ଦୋଳନକାରୀ ରାସ୍ତାରୁ ଉଠି କମ୍ପାନୀ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। କମ୍ପାନୀ କର୍ତ୍ତୃପକ୍ଷ ୭୦ହଜାର ଟଙ୍କା କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଦୀର୍ଘ ୫ ଘଣ୍ଟା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଏସ୍‌ଆଇ ଗଙ୍ଗାଧର ବେହେରା କହିଛନ୍ତି।



# 'ବ୍ୟକ୍ତିଗତ ଅନୁଭୂତିରୁ ମିଳିଥାଏ ଜ୍ଞାନ'

**ଢେଙ୍କାନାଳ ଅଫିସ, ୨୭।୧୧**


କାର୍ଯ୍ୟକ୍ରମରେ ଅତିଥିମାନେ।

### ଜିଲା ଲେଖକ ସଂସଦର ୪୩ତମ ସାମ୍ବତ୍ସରିକ ଉତ୍ସବ

ବ୍ୟକ୍ତି ନିଜର ଅନୁଭୂତିରୁ ହିଁ ଜ୍ଞାନ ଅର୍ଜନ କରିଥାଏ। ଅସ୍ଥି, ଭାବନା, ଚାପ, ଗୁଣ ଏକତ୍ରିତ ହେଲେ ଗୋଟିଏ ନାମ ହୋଇଥାଏ। କବିତାରେ ସଂଯୋଗକାରୀ ଗୁଣ ଅଧିକ ମିଳିଥାଏ ବୋଲି କହିଛନ୍ତି ବିଶିଷ୍ଟ ସାହିତ୍ୟିକ ଡ. ନଟବର ଶତପଥୀ। ଢେଙ୍କାନାଳ ଜିଲା ଲେଖକ ସଂସଦ ୪୩ତମ ସାମ୍ବତ୍ସରିକ ମହୋତ୍ସବ ଉପଲକ୍ଷେ ରବିବାର ଅନୁଷ୍ଠିତ 'ସାହିତ୍ୟ-ଉଚ୍ଚ ବିଚାରର ପ୍ରୟୋଗଶାଳା' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ମୁଖ୍ୟବକ୍ତା ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ଜ୍ଞାନୀ ଦେବାଶିଷ ମିଶ୍ର କହିଲେ, ଭାଷା ଓ ସାହିତ୍ୟ ଉଭୟେ ଉଭୟଙ୍କ ହାତ ଧରି ଚାଲିଛନ୍ତି । ସାହିତ୍ୟ ଆଭ୍ୟନ୍ତରୀୟ ଏକ ସ୍ରୋତ ହେଲେ ଅନ୍ତରରେ ହିଁ ପ୍ରବାହିତ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ବିଶିଷ୍ଟ ଗାଳ୍ପିକ ଓ ସ୍ତମ୍ଭକାର ଡ. ଗୌରହରି ଦାସ କହିଲେ, ସାହିତ୍ୟ ବିବେକର କାମ କରେ। ହାରିବା ପାଇଁ ମଣିଷର ଜନ୍ମ ନୁହେଁ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଅଭିମନ୍ୟୁ ପଣ୍ଡା, କାଉନ୍‌ସିଲର ଲିପିକା ଦାସ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ସଂସଦର ମୁଖପତ୍ର 'ସପ୍ତାରଣ୍ୟ', ସନ୍ଧ୍ୟା ମହାନ୍ତିଙ୍କ 'ମେଘକନ୍ୟା', ଗୋଲେଖ ବିହାରୀ ବେହେରାଙ୍କ 'ନୀଳ ନୈବେଦ୍ୟ' ଉନ୍ମୋଚନ ହୋଇଥିଲା। ସଂସଦର ସଭାପତି ଭିକାରୀ ଚରଣ ରାଉତଙ୍କ ସଭାପତିତ୍ୱରେ ସମ୍ପାଦକ ବସନ୍ତ କୁମାର ପଟ୍ଟନାୟକ ବିବରଣୀ ପାଠ କରିଥିଲେ।

ଏହି ଅବସରରେ ଗାଳ୍ପିକ ଡ. ଗୌରହରି ଦାସଙ୍କୁ କବିଚକ୍ରବର୍ତ୍ତୀ ବ୍ରଜନାଥ ବଡ଼ଜେନା ସାରସ୍ୱତ ସମ୍ମାନ, ସାହିତ୍ୟିକ ଡ. ପ୍ରଫୁଲ୍ଲ କୁମାର ପାଣିଙ୍କୁ ଶ୍ରୀଧର ସ୍ୱାମୀ ସମ୍ମାନ, ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକଙ୍କୁ ରାଜ୍ୟସ୍ତରୀୟ ଶ୍ରେଷ୍ଠ ଆଇନଜ୍ଞ ଅଦ୍ୱୈତ ଚରଣ ଦାସ ସ୍ମୃତି ସମ୍ମାନ, ସାମାଜିକ କର୍ମୀ ରୀନା ରାଉତରାୟଙ୍କୁ ରାଜ୍ୟସ୍ତରୀୟ ସଚ୍ଚିଦାନନ୍ଦ ସମ୍ମାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ଶତପଥୀଙ୍କୁ ଶାଣ୍ଡିଲ୍ୟ ବସନ୍ତ ଶିକ୍ଷା ସେବା ସମ୍ମାନ, ନୃତ୍ୟ ବିଶାରଦ ତାପସୀ ମିଶ୍ରଙ୍କୁ ମହାରାଜା ଭଗୀରଥ କଳା ସମ୍ମାନ, ସାହିତ୍ୟିକ ଗଗନ ବିହାରୀ ନନ୍ଦଙ୍କୁ ସାରଙ୍ଗଧର ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା।

ହୃଦାନନ୍ଦ ଦ୍ୱିବେଦୀ ମଞ୍ଚ ସଞ୍ଚାଳନ କରିଥିବାବେଳେ ସୁକାନ୍ତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ସାରଙ୍ଗଧର ମିଶ୍ରଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସୁକାନ୍ତି ସାହୁ, ବୈଜୟନ୍ତ ପଟ୍ଟନାୟକ, ଉପମା ସାମଲ ଏହାକୁ ସଂଯୋଜନା କରିଥିଲେ।

## ପେଟିଏମ୍‌ର ଆବେଦନକୁ ଅଗ୍ରାହ୍ୟ

ନୂଆଦିଲ୍ଲୀ:ଦେଶର ପ୍ରମୁଖ ଡିଜିଟାଲ ଆର୍ଥିକ ସେବା ପ୍ରଦାନକାରୀ କମ୍ପାନୀ ପେଟିଏମ୍‌ର ଆବେଦନକୁ ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଅଗ୍ରାହ୍ୟ କରିଦେଇଛନ୍ତି। ଫଳରେ କମ୍ପାନୀ ଗ୍ରାହକଙ୍କୁ ଆଉ ଅତିରିକ୍ତ ସେବା ଯୋଗାଇପାରିବ ନାହିଁ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଅନ୍‌ଲାଇନ ରିଟେଲରମାନଙ୍କୁ ପେମେଣ୍ଟ ଏଗ୍ରିଗେଟ୍‌ର ସେବା ପ୍ରଦାନ ପାଇଁ ପେଟିଏମ୍ କେନ୍ଦ୍ରୀୟ ବ୍ୟାଙ୍କଠାରୁ ଯେଉଁ ଅନୁମତି ମାଗିଥିଲା ତାହାକୁ ଆର୍‌ବିଆଇ ଖାରଜ କରିଦେଇଛନ୍ତି। ଫଳରେ କମ୍ପାନୀ ରିଜର୍ଭ ବ୍ୟାଙ୍କର ଉକ୍ତ ନିଷ୍ପତ୍ତି ସମ୍ପର୍କରେ ମଧ ଷ୍ଟକ୍ ମାର୍କେଟକୁ ଅବଗତ କରାଇଛି। ତେବେ ଆସନ୍ତା ୧୨୦ଦିନ ମଧରେ କମ୍ପାନୀ ଆଉ ଥରେ ଆବେଦନ କରିବାର ସୁଯୋଗ ରହିଛି।

# ବୃଦ୍ଧି ପାଉଛି ଭାରତୀୟ ଫାର୍ମା ରପ୍ତାନି

ନୂଆଦିଲ୍ଲୀ,୨୭।୧୧

ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ଭାରତୀୟ ଫାର୍ମାର ରପ୍ତାନି ୪.୨୨% ବୃଦ୍ଧି ପାଇ ୧୪.୫୭ ବିଲିୟନ ଡଲାରରେ ପହଞ୍ଚିଛି। ଏପରିକି ଗତ ମାସରେ ଏକ ନକାରାତ୍ମକ ଧାରା ସତ୍ତ୍ୱେ ୨୦୨୨-୨୩ର ପ୍ରଥମ ୭ମାସ କ୍ରମାଗତଭାବେ ଭାରତରୁ ଔଷଧ ରପ୍ତାନି ବୃଦ୍ଧି ପାଇଚାଲିଛି। ସେହିଭଳି ବାଣିଜ୍ୟ ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ସଂସ୍ଥା ଫାର୍ମାସ୍ୟୁଟିକାଲ୍ସ ରପ୍ତାନି ପ୍ରମୋସନ କାଉନସିଲ୍ ଅଫ୍ ଇଣ୍ଡିଆ (ଫାର୍ମାକ୍ସିଲ୍)ର ମହାନିର୍ଦ୍ଦେଶକ ଉଦୟ ଭାସ୍କର କହିଛନ୍ତି, ଗତ ଆର୍ଥିକ ବର୍ଷରେ ୨୪.୬୨ ବିଲିୟନ ଡଲାର ତୁଳନାରେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହାର ପରିମାଣ ପ୍ରାୟ ୨୭ବିଲିୟନ ଡଲାରରେ ଶେଷ କରିବାକୁ ସେ ଆଶାବାଦୀ ଅଛନ୍ତି। ବିଶେଷକରି ୨୦୨୨ ଜୁଲାଇରେ -୦.୩୨%, ଅଗଷ୍ଟରେ -୫.୪୫% ଏବଂ ସେପ୍ଟେମ୍ବରରେ ୮.୪୭%ର ସକାରାତ୍ମକ ଅଭିବୃଦ୍ଧି ଘଟିଛି। ଏହା ଆସନ୍ତା ମାସରେ ପୁନର୍ଜୀବିତ ସହ ବର୍ଷ ଶେଷ ସୁଦ୍ଧା ପ୍ରାୟ ୨୭ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଭାସ୍କର ମତପ୍ରକାଶ କରିଛନ୍ତି। ସେହିପରି ଗତ ଆର୍ଥିକ ବର୍ଷର ସମାନ ଅବଧି ମଧରେ ରପ୍ତାନି ୧୩.୯୮ ବିଲିୟନ ଡଲାର ରହିଥିଲା। ଅପରପକ୍ଷରେ ଆମେରିକା, କାନାଡା ଏବଂ ମେକ୍ସିକୋ (ନାଫ୍‌ଟା ଦେଶ), ୟୁରୋପ ଏବଂ ଆଫ୍ରିକା ୬୭.୫% (ପ୍ରାୟ ୫ ବିଲିୟନ ଡଲାର) ମୋଟ ରପ୍ତାନି ହୋଇଛି । ଏପରିକି ଟିକା ବର୍ଗରେ ଆମର ରପ୍ତାନି ଅତ୍ୟନ୍ତ ଖରାପ ସ୍ଥିତିରେ ରହିଛି। ବିଶେଷକରି ଚଳିତ ବର୍ଷ ଅକ୍ଟୋବରରେ ରପ୍ତାନି ୫.୪୫% ହ୍ରାସ ପାଇ ୧.୯୫ ବିଲିୟନ ଡଲାରରେ ପହଞ୍ଚିଛି। ବାଣିଜ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଗତ ବର୍ଷ ତୁଳନାରେ ୨୦୨୨ ଅକ୍ଟୋବରରେ ଭାରତର ସାମଗ୍ରିକ ରପ୍ତାନି ୧୬.୬୫% ହ୍ରାସ ପାଇ ୨୯.୭୮ ବିଲିୟନ ଡଲାରରେ ପହଞ୍ଚିଛି। ୨୦୨୨ ଏପ୍ରିଲରୁ ଅକ୍ଟୋବର ରପ୍ତାନିରେ ୧୨.୫୫% ଅଭିବୃଦ୍ଧି ଘଟି ୨୬୩.୩୫ ବିଲିୟନ ଡଲାରରେ ପହଞ୍ଚିଛି।

# ‘ମେଳା ଜରିଆରେ କର୍ମଯୋଗାଣକୁ ଗୁରୁତ୍ୱ’

ଭୁବନେଶ୍ୱର,୨୭।୧୧



ରାଜ୍ୟ ପ୍ରମୁଖ ହସ୍ତତନ୍ତ ସଂସ୍ଥା ସମ୍ବଲପୁରୀ ବସ୍ତ୍ରାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ହସ୍ତତନ୍ତ ମେଳାର ଆୟୋଜନ କରାଯାଇଛି। ବିଶେଷକରି ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଓ ସମ୍ବଲପୁରୀ ବସ୍ତ୍ରାଳୟ ହ୍ୟାଣ୍ଡଲୁମ୍ କୋ-ଅପରେଟିଭ ସୋସାଇଟି ଲିମିଟେଡ୍‌ର ମିଳିତ ସହଯୋଗରେ ସ୍ଥାନୀୟ ଏକାମ୍ର ହାଟ ପରିସରରେ ‘ସ୍ୱତନ୍ତ୍ର ହସ୍ତତନ୍ତ ମେଳା-୨୦୨୨’ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୟନଶିଳ୍ପ ନିର୍ଦ୍ଦେଶକ ଶୋଭନ କ୍ରିଷ୍ଣା ସାହୁ, ବିଭାଗୀୟ ସ୍ୱତନ୍ତ୍ର ସଚିବ ସରୋଜ ପଟେଲ,ସମ୍ବଲପୁରୀ ବସ୍ତ୍ରାଳୟର ପରିଚାଳନା ନିର୍ଦ୍ଦେଶକ ଶିଶିର କୁମାର ନାଗ, ସଭାପତି ସସ୍ମିତ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ରାଜ୍ୟରେ ଥିବା ବିଭିନ୍ନ ହସ୍ତତନ୍ତ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ ସହ ଜଡ଼ିତ ଥିବା ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ଲୁଗାର ବିକ୍ରୟ ବୃଦ୍ଧି ସହ ବୁଣାକାରମାନଙ୍କୁ ନିୟମିତଭାବେ କାମ ଯୋଗାଇଦେବା ନିମନ୍ତେ ବିଭାଗ ଗୁରୁତ୍ୱ ଦେଇଆସିଛି। ଏପରିକି ବିଭାଗ ଦ୍ୱାରା ଅନୁମୋଦିତ ବାର୍ଷିକ ତାଲିକା ହିସାବରେ ଏହି ମେଳା ଆୟୋଜିତ ହୋଇଛି। ଏହି ପରିପ୍ରେକ୍ଷୀରେ ୩୪ଟି ଦେୟମୁକ୍ତ ଷ୍ଟଲ ମଧ ଉକ୍ତ ବ୍ୟବସାୟୀଙ୍କୁ ପ୍ରଦାନ କରାଯାଇଛି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଉତ୍ପାଦିତ ହସ୍ତତନ୍ତ ଲୁଗା ଉପରେ ଗ୍ରାହକମାନଙ୍କୁ ପ୍ରାୟ ୩୦%ର (୧୦%+୨୦%)ର ସରକାରୀ ରିହାତି ମଧ କ୍ରୟ ଉପରେ ପ୍ରଦାନ କରାଯାଉଛି। ଏହି ମେଳା ଡିସେମ୍ବର ୧୪ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଉକ୍ତ କାର୍ଯ୍ୟକ୍ରମକୁ ସମିତିର ବାଣିଜ୍ୟ ଅଧିକାରୀ ହେମନ୍ତ କୁମାର ମିଶ୍ର ସଂଯୋଜନା କରିଥିଲେ ।



ଦୈନିକ ଖବରକାଗଜ ଧରିତ୍ରୀର ୪୯ ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ମୋ ପଞ୍ଚାୟତବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ଆଗାମୀ ଦିନରେ ଓଡ଼ିଶାବାସୀଙ୍କ ପାଖରେ ଧରିତ୍ରୀ ଅଧିକରୁ ଅଧିକ ଆସ୍ଥା ଓ ବିଶ୍ୱାସ ଭାଜନ ହେଉ ଏତିକି ମୋର କାମନା।
ସିଦ୍ଧାର୍ଥ ଶଙ୍କର ଖେତୀ
ସରପଞ୍ଚ, କୁଦଗାଁ ଗ୍ରାମ ପଞ୍ଚାୟତ

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମଦିବସ ଉପଲକ୍ଷେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଜଣାଉଛୁ । ଆମ୍ଭେ ତଣ୍ଡିକି ଆଶ୍ରମ ବିଦ୍ୟାଳୟର ଛାତ୍ରଛାତ୍ରୀ ଆଗାମୀ ଦିନର ଭବିଷ୍ୟତ । ଶିକ୍ଷା ଗ୍ରହଣ ଆମ୍ଭର ଲକ୍ଷ୍ୟ ।

ଆଶ୍ରମ ବିଦ୍ୟାଳୟ,ତଣ୍ଡିକି

ଓଡ଼ିଶାର ଦୈନିକ ଖବରକାଗଜ ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ କର୍ମକର୍ତ୍ତାଙ୍କୁ ଅନେକ ଅନେକ ଶୁଭେଚ୍ଛା।

ଦିଲ୍ଲିପ ଦାଶଶର୍ମା
ଉତ୍କଳ ସମ୍ମିଳନୀ
ମଞ୍ଜେଶ୍ୱର ଶାଖା ସଭାପତି

ୱାନ ଷ୍ଟପ ସେଣ୍ଟର (ସଖୀ), ମାଲକାନଗିରି
ଉଦ୍ଦେଶ୍ୟ-ନିର୍ଯାତିତା/ହିଂସା ପୀଡିତା ମହିଳା ଏବଂ ବାଳିକା (୧୮ ବର୍ଷରୁ କମ୍ ବୟସ) ମାନଙ୍କ ସମନ୍ୱିତ ସୁବିଧା ଓ ସହଯୋଗ ନିମନ୍ତେ ପୋଲିସ ସହାୟତା, ଡାକ୍ତରୀ ସହାୟତା, ଆଇନଗତ ସହାୟତା, ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ । ଆଶ୍ରୟ ଓ ଅନ୍ୟ କୌଣସି ଆବଶ୍ୟକ ସହାୟତା ଯୋଗାଇ ଦିଆଯାଏ ।
ୱାନ ଷ୍ଟପ ସେଣ୍ଟର (ସଖୀ), ମାଲକାନଗିରି ଅଗଷ୍ଟ-୨୦୧୯ ୧୫ରେ ଉଦ୍‌ଘାଟନ କରାଯାଇଥିଲା । ଅଗଷ୍ଟ ୨୦୨୨ ପର୍ଯ୍ୟନ୍ତ ସର୍ବମୋଟ ୪୫୯ ଗୋଟି କେସ ପଞ୍ଜୀକୃତ କରାଯାଇଛି । ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ ସୁବିଧା ୪୫୯, ପୋଲିସ ସୁବିଧା ୨୦୬, ଡାକ୍ତରୀ ସୁବିଧା ୧୨୬, ଆଇନଗତ ସୁବିଧା ୨୦୬ । ହିଂସା ପୀଡିତା ମହିଳାମାନଙ୍କୁ ସମାଜରେ ସମାନ ଅଧିକାର ଏବଂ ଉପଯୁକ୍ତ ସମ୍ମାନ ପାଇଁ ସର୍ବଦା ଚେଷ୍ଟା କରିଆସୁଛି ।
Towards a new dawn
ସହାୟତା- ଶିଶୁ ଓ ମହିଳା କଲ୍ୟାଣ ବିଭାଗ
ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ମାଲକାନଗିରି
ପରିଚାଳନା-ପରିବର୍ତ୍ତନ, ଫୋନ ନମ୍ବର-୦୯୩୩୭୬୯୫୭୭୧
Email:osc.malkangiri@gmail.com

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମଦିବସ ଉପଲକ୍ଷେ ଧରିତ୍ରୀ ପରିବାରକୁ ମୋ ତରଫରୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଉଛି ।

ପାୟଲ ବାନାର୍ଜୀ
ମାଲକାନଗିରି

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମ ଦିବସ ଉପଲକ୍ଷେ ଧରିତ୍ରୀ ପରିବାରକୁ ସାବତ ପରିବାର ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛୁ ।

ସାବତ ପରିବାର
ମାଲକାନଗିରି

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମଦିବସ ଉପଲକ୍ଷେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଜଣାଉଛି । ମାଲକାନଗିରି ଜିଲ୍ଲାବାସୀ ନିଜର ଜଙ୍ଗଲ ଏବଂ ବନ୍ୟପ୍ରାଣୀ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ପାଇଁ ଅନୁରୋଧ କରୁଅଛି ।

ମୋହନ ଗୁଡ଼ିଆ
ବନପାଳ, ମାଲକାନଗିରି

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ଧରିତ୍ରୀ ପରିବାର ଏବଂ ପାଠକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ଜଙ୍ଗଲ ଆମର ଅମୂଲ୍ୟ ସମ୍ପଦ, ଜଙ୍ଗଲ ବିନା ଜୀବଜଗତ ବଞ୍ଚିବା ଅସମ୍ଭବ । ଆସନ୍ତୁ ସମସ୍ତେ ମିଶି ଜଙ୍ଗଲ ସୁରକ୍ଷା ସହ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ।

ଦେବାଶିଷ ପ୍ରଧାନ
ବନପାଳ, ମାଲକାନଗିରି

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମଦିବସର ଶୁଭେଚ୍ଛା ଜଣାଇବା ସହ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଜିଲ୍ଲାର ସମସ୍ତ ବନ ସଂରକ୍ଷଣ ସମିତି ଏବଂ ବନାଞ୍ଚଳରେ ବସବାସ କରୁଥିବା ଅଧିବାସୀମାନେ ଆଗେଇ ଆସିବାକୁ ଅନୁରୋଧ କରୁଅଛି ।

ବଳରାମ ନାୟକ
ବନାଞ୍ଚଳ ଅଧିକାରୀ, ମୋଟୁ

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମଦିବସ ଉପଲକ୍ଷେ ଧରିତ୍ରୀ ପରିବାରକୁ ଆମ୍ଭର ହାର୍ଦ୍ଦିକ ଶୁଭେଚ୍ଛା ।
ମାଲକାନଗିରି ବନାଞ୍ଚଳ ସମସ୍ତ ବନସଂରକ୍ଷଣ ସମିତି ନିଜ ଅଞ୍ଚଳରେ ଜଙ୍ଗଲ ସୁରକ୍ଷା ଏବଂ ବୃକ୍ଷରୋପଣ କରିବା ସହ ବନ୍ୟଜନ୍ତୁ ସଂରକ୍ଷଣରେ ଅଗ୍ରିମ ଭୂମିକା ଗ୍ରହଣ କରିବା ପାଇଁ ନିବେଦନ କରୁଅଛି ।

ବାସୁଦେବ ନାୟକ
ବନାଞ୍ଚଳ ଅଧିକାରୀ, ମାଲକାନଗିରି

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ । ସରକାରଙ୍କ ନିୟମ ଅନୁଯାୟୀ ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଆସୁଥିବା ଖାଦ୍ୟ ଶସ୍ୟ କେବଳ ଗ୍ରାମପଞ୍ଚାୟତ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଯୋଗାଇ ଦିଆଯାଉଅଛି । ଗତ ୨୦୨୧-୨୨ ଖରିଫ ବିପଣନ ବର୍ଷରେ ୮ ଗୋଟି ଲ୍ୟାମ୍ପ ଓ ୪ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୨୭୭୧୦ କ୍ଷୁଦ୍ରତମ ଓ ମଧ୍ୟମ ଚାଷୀଙ୍କଠାରୁ ୬୫ ଗୋଟି ଧାନ କ୍ରୟ କେନ୍ଦ୍ର ଦ୍ୱାରା ୧୨୧୬୨୫୧.୫୬ କ୍ୱିଣ୍ଟାଲ ଧାନ ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ରୟ କରାଯାଇଅଛି ।
ଜିଲ୍ଲା ଯୋଗାଣ ଅଧିକାରୀ,ମାଲକାନଗିରି

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ଧରିତ୍ରୀ ପରିବାର ଏବଂ ପାଠକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ପ୍ରାକୃତିକ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷାରେ ନିଜକୁ ନିୟୋଜିତ କରିବା ପାଇଁ ବିନୀତ ଅନୁରୋଧ ।

ଦିବାକର ଜେନା
ବନପାଳ
ଶିଖପାଲ୍ଲୀ,ମାଲକାନଗିରି

MALKANGIRI FOREST RANGE
Forest & Environment Department, Govt. of Odisha
Step into the nature's lap : Eco tourism destinations in Malkangiri
Visit the Eco Tourism centres and Nature camps in Malkangiri and experience the serenity and tranquility of nature. We have cottages at Satiguda (Malkangiri) and Chitrakonda with all the necessary amenities, managed by local communities with the help of forest department.

Satiguda nature Camp

Chitrakonda Nature Camp
Other Attractions : Garden, Boating paints, Tribal Museum, Dam site, Bird watching, Watch Tower trek point.
Nearby locations : Gurupriya Setu, Balimela Dam, Hydroelectric, Power plant, Ekajodi Water falls, Gummajharan Waterfall, Amakund and many more.
You can book cottages online at www.ecotourodisha.com
For further enquiries, contact : Forest Range Officer, Malkangiri, Mob.: +91 9438040206
Jagannath Prasad Bisoi, Range Officer, Malkangiri

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମ ଦିବସ ଉପଲକ୍ଷେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଜଣାଉଛି ।
ଶିକ୍ଷିତ ଝିଅମାନେ ଚାକିରି ପଛରେ ନ ଦୌଡି ମୋ ପରି ଛୋଟ ଛୋଟ ଶିଳ୍ପ ପ୍ରତିଷ୍ଠା କରି ଅନେକଙ୍କୁ ଚାକିରିର ସୁବିଧା ଦେଇ ସମାଜରେ ନୂତନ ଉଦାହରଣ ସୃଷ୍ଟି କରନ୍ତୁ । ଏହାହିଁ ମୋର କାମନା ।

ଭବାନୀ ଜୈନ
ମାଲକାନଗିରି

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମଦିବସ ଉପଲକ୍ଷେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଜଣାଉଛି ।
ମାଲକାନଗିରି ଜିଲ୍ଲାର ଚାଷୀଭାଇମାନଙ୍କ ମଙ୍ଗଳ କାମନା କରିବା ସହ ଚଳିତ ବର୍ଷ ସରକାରଙ୍କ ନିୟମ ଅନୁଯାୟୀ ମଣ୍ଡିରେ ଧାନ ବିକ୍ରି କରି ଉପକୃତ ହେବା ସହ ଧାନ କଟା ପରେ ଜମିକୁ ପଡିଆ ନ ରଖି ପନିପରିବା ଏବଂ ଡାଲି ଚାଷ କରନ୍ତୁ ।
ନାୟକ ପରିବାର
ମାଲକାନଗିରି

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମଦିବସ ଉପଲକ୍ଷେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଅଭିନନ୍ଦନ ।
B.M.S. FUELS
Jayanagar, M.V. 42
Malkangiri

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମଦିବସ ଉପଲକ୍ଷେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଜଣାଉଛୁ । ନେତାଜୀ ଉନ୍ନୟନ ସଂସ୍ଥା ଦ୍ୱାରା ବାହାର ରାଜ୍ୟକୁ ଯାଇ କୃଷି ସମ୍ବନ୍ଧୀୟ ଅଧିକ ଜ୍ଞାନ ଆହରଣ କରିବା ପାଇଁ ସୁଯୋଗ ଦେଇଥିବାରୁ ଆମ୍ଭେ କୃତଜ୍ଞ ।


ନେତାଜୀ ଉନ୍ନୟନ ସଂସ୍ଥା, ମାଲକାନଗିରି

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମଦିବସ ଉପଲକ୍ଷେ ଶୁଭେଚ୍ଛା ଜଣାଇବା ସହ ମାଲକାନଗିରି ଜିଲ୍ଲାରେ ଉତ୍ତପ୍ତ ଜଳବାୟୁ ଏବଂ ମୃତ୍ତିକା କ୍ଷୟ ରୋକିବା ପାଇଁ ମାଟି ଇଟା ବଦଳରେ ସିମେଣ୍ଟ ଇଟା ବ୍ୟବହାର କରିବା ପାଇଁ ଅନୁରୋଧ । ଏହାଦ୍ୱାରା ପରିବେଶ ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନକୁ ରୋକାଯାଇପାରିବ ।

ସାବିତ୍ରୀ ଫ୍ଲାଏ ଆସ୍ ବ୍ରିକ୍ସ
ମାଲକାନଗିରି

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ । ଏହି ଅବସରରେ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ଉତ୍ତରୋତ୍ତର ଉନ୍ନତି କାମନା କରୁଅଛୁ । ଆସନ୍ତୁ ସମସ୍ତେ ମିଳିମିଶି ବାଲୁଗାଁ ସହରକୁ ସରସ ସୁନ୍ଦର କରି ଗଢି ତୋଳିବା ।


ସୁକାନ୍ତି ପାଇକରାୟ
ଅଧକ୍ଷା
ବାଲୁଗାଁ ଏନ୍‌ଏସି
ସନ୍ତୋଷ ପାଇକରାୟ
ଅଧକ୍ଷା ପ୍ରତିନିଧି ଓ ବିଜେଡି ଯୁବ ସଂଗଠକ, ବାଲୁଗାଁ ଏନ୍‌ଏସି

